ବର୍ଷ-୨୬, ସଂଖ୍ୟା-୫୬
ଭୁବନେଶ୍ୱର
୨୬, ଫେବୃଆରୀ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 56
Bhubaneswar
26 February, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## କିଶୋରୀଙ୍କୁ ମିଳିବ ସର୍ଭିକାଲ କ୍ୟାନ୍ସର ଟିକା

**ଭୁବନେଶ୍ୱର,୨୫।୨(ମହାଭାରତ):** ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଏକ ଐତିହାସିକ ତଥା ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । କିଶୋରୀମାନଙ୍କୁ ସର୍ଭାଇକାଲ୍ କ୍ୟାନ୍ସର ବା ଗର୍ଭାଶୟ ମୁଖ କର୍କଟରୁ ସୁରକ୍ଷିତ ରଖିବା ପାଇଁ ଖୁବଶୀଘ୍ର ସାରା ଭାରତରେ ଐଚପି ବା ହ୍ୟୁମାନ ପାପିଲୋମା ଭାଇରସ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ଆସନ୍ତା ୨୮ ଫେବୃଆରୀରୁ ଏହି ଟିକାକରଣ ଅଭିଯାନ ଆରମ୍ଭ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ଏହି ଅଭିଯାନ ଅଧୀନରେ ୧୪ ବର୍ଷ ପର୍ଯ୍ୟନ୍ତ କିଶୋରୀମାନଙ୍କୁ ଏହି ଟିକାର ଏକକ ଡୋଜ୍ ବା ସିଙ୍ଗିଲ ଡୋଜ୍ ପ୍ରଦାନ କରାଯିବାକୁ ଥିବାବେଳେ ୧୪ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବିବାହ ପର୍ଯ୍ୟନ୍ତ ଯୁବତୀମାନଙ୍କୁ ତିନୋଟି ଡୋଜ୍ ଟିକା ଦିଆଯିବ । ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ମାଧ୍ୟମରେ ପ୍ରତିବର୍ଷ ଦେଶର ପ୍ରାୟ ୧.୧୫ କୋଟି ୧୪ ବର୍ଷର କିଶୋରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକାକରଣ କରାଯିବ।

## ମୋଦୀଙ୍କୁ ଇସ୍ରାଏଲର ସର୍ବୋଚ୍ଚ ସଂସଦୀୟ ସମ୍ମାନ



**ଜେରୁଜେଲମ୍,୨୫।୨ (ମହାଭାରତ):** ଭାରତ ଓ ଇସ୍ରାଏଲ୍ ମଧ୍ୟରେ ଥିବା ରଣନୈତିକ ସମ୍ପର୍କକୁ ଏକ ନୂତନ ଶିଖରରେ ପହଞ୍ଚାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିନ ଇସ୍ରାଏଲ୍ ସଂସଦର ସର୍ବୋଚ୍ଚ ସମ୍ମାନ 'ସ୍ପିକର ଅଫ୍ ଦି କ୍ନେସେଟ୍ ମେଡାଲ୍'ରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ନିରାପତ୍ତା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ସହ ତାଙ୍କର ଦୂରଦର୍ଶୀ ନେତୃତ୍ୱ ପାଇଁ ତାଙ୍କୁ ଏହି ବିରଳ ଗୌରବ ପ୍ରଦାନ କରାଯାଇଛି। ଇସ୍ରାଏଲ୍ ସଂସଦ ବା କ୍ନେସେଟରେ ନିଜର ଅଭିଭାଷଣ ରଖିବା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଅକ୍ଟୋବର ୭ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଇସ୍ରାଏଲା ସହ ଭାରତ ଦୃଢ଼ ଭାବରେ ଠିଆ ହୋଇଥିବା ଦୋହରାଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆତଙ୍କବାଦର ଯନ୍ତ୍ରଣାକୁ ଭାରତ ବୁଝେ ଏବଂ ଏହି ସଙ୍କଟ ସମୟରେ ପ୍ରତିଟି ଭାରତୀୟ ଇସ୍ରାଏଲ୍ ?ବାସୀଙ୍କ ସହ ରହିଛନ୍ତି। ଆତଙ୍କବାଦକୁ ଏକ ବିଶ୍ୱସ୍ତରୀୟ ବିପଦ ଭାବେ ବର୍ଣ୍ଣନା କରି ସେ କହିଥିଲେ ଯେ, 'ଯେକୌଣସି ସ୍ଥାନରେ ଆତଙ୍କବାଦ, ସବୁଠି ଶାନ୍ତି ପ୍ରତି ବିପଦ ସୃଷ୍ଟି କରେ।' ଏହି ସମୟରେ ସେ ଗାଜା ଶାନ୍ତି ପ୍ରୟାସ ପ୍ରତି ମଧ ଭାରତର ସମର୍ଥନ ପ୍ରକାଶ କରିବା ସହ ଏହାକୁ ଏକ ନ୍ୟାୟପୂର୍ଣ୍ଣ ଓ ସ୍ଥାୟୀ ଶାନ୍ତିର ପଥ ବୋଲି ଅଭିହିତ କରିଥିଲେ।ଏହାସହ ଭାରତରେ ଶତାବ୍ଦୀ ଶତାବ୍ଦୀ ଧରି ଇହୁଦୀ ସମ୍ପ୍ରଦାୟ କିଭଳି ବିନା କୌଣସି ଭୟ ଓ ପାତରଅନ୍ତରରେ ଶାନ୍ତିପୂର୍ଣ୍ଣ ଭାବେ ରହି ଆସିଛନ୍ତି, ତାହା ଉଲ୍ଲେଖ କରି ସେ ଭାରତର ସମଭାବାପନ୍ନ ସଂସ୍କୃତିର ପରିଚୟ ଦେଇଥିଲେ। ନିଜ ଭାଷଣରେ ଏକ ବ୍ୟକ୍ତିଗତ ତଥ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୧୯୫୦ ସେପ୍ଟେମ୍ବର ୧୭ ତାରିଖରେ ତାଙ୍କର ଜନ୍ମ ହୋଇଥିଲା ଏବଂ ସେହି ସମାନ ଦିନରେ ଭାରତ ଆନୁଷ୍ଠାନିକ ଭାବେ ଇସ୍ରାଏଲକୁ ସ୍ୱୀକୃତି ପ୍ରଦାନ କରିଥିଲା। ଏହି ସଂଯୋଗକୁ ସେ ଦୁଇ ଦେଶର ସହଭାଗୀ ଯାତ୍ରାର ଏକ ପ୍ରତୀକାତ୍ମକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ। ଆଲୋଚନା, ଜ୍ଞାନ ଏବଂ ମାନବିକତା ମାଧ୍ୟମରେ ହିଁ ଅଞ୍ଚଳରେ ସ୍ଥିରତା ଆସିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଐତିହାସିକ ଗସ୍ତ ଦୁଇ ଦେଶର ବନ୍ଧୁତାକୁ ଆଗାମୀ ଦିନରେ ଏକ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି।

## ଖଣି ବାବୁଙ୍କ ଟଙ୍କା ଖଣି



**ଭୁବନେଶ୍ୱର,୨୫।୨(ମହାଭାରତ):** ଓଡିଶା ଇତିହାସରେ ସବୁଠାରୁ ବଡ ଭିଜିଲାନ୍ସ ଚଢ଼ାଉ। କଟକଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଘରୁ ୪ କୋଟି ଟଙ୍କା ନଗଦ ଜବତ କରିଛି ଭିଜିଲାନ୍ସ ଟିମ୍। ଗତକାଲି ରାତିରେ ଜଣେ ଲାଇସେନ୍ସପ୍ରାପ୍ତ କୋଇଲା ବିକ୍ରେତାଙ୍କଠାରୁ ୩୦ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କଟକ ସର୍କଲର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ ଗିରଫ କରାଯିବା ପରେ, ଓଡ଼ିଶା ଭିଜିଲାନ୍ସ ଦ୍ୱାରା ତାଙ୍କ ଆବାସିକ ଫ୍ଲାଟ (ଫ୍ଲାଟ ନମ୍ବର ୩୦୨, ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟ, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର), ଭଦ୍ରକର ମଠସାହିରେ ଥିବା ପୈତୃକ ଘର ଏବଂ କଟକରେ ତାଙ୍କ କାର୍ଯ୍ୟାଳୟ ଚାମ୍ବରରେ ଏକକାଳୀନ ଚ ?ାଉ କରିଥିଲା ଭିଜିଲାନ୍ସ।ଏହି ଚଢ଼ାଉ ସମୟରେ, ରାଜଧାନୀରେ ତାଙ୍କ ଫ୍ଲାଟରୁ ଟ୍ରଲି ବ୍ୟାଗ ଏବଂ ଆଲମିରାରେ ଲୁଚାଇ ରଖାଯାଇଥିବା ୪ କୋଟି ଟଙ୍କାରୁ ଅଧିକ ଟଙ୍କା ଜବତ କରାଯାଇଛି। ନଗଦର ସଠିକ୍ ପରିମାଣ ଜାଣିବା ପାଇଁ ଗଣନା ଚାଲିଛି। ନଗଦ ଟଙ୍କା ଜବତ କ୍ଷେତ୍ରରେ ଏହା ହେଉଛି ଓଡ଼ିଶା ଭିଜିଲାନ୍ସ ଇତିହାସରେ ଏପର୍ଯ୍ୟନ୍ତ ସର୍ବାଧିକ ନଗଦ ଜବତ।ଏହା ସହିତ, ଶ୍ରୀ ମହାନ୍ତିଙ୍କ ଅଫିସ ଡ୍ରୟର ଏବଂ ତାଙ୍କ ସମ୍ପତ୍ତିରୁ ୧.୨୦ ଲକ୍ଷ ଟଙ୍କା ଜବତ ଏବଂ ଉଦ୍ଧାର କରାଯାଇଛି। ଏହା ବ୍ୟତୀତ, ଏପର୍ଯ୍ୟନ୍ତ ଠାବ ହୋଇଥିବା ଅନ୍ୟ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଭୁବନେଶ୍ୱରର ପାହାଲାରେ ପ୍ରାୟ ୨୪୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଏକ ବିଳାସମୟ ଦ୍ୱିମହଲା କୋଠା ଓ ପ୍ରାୟ ୧୩୦ ଗ୍ରାମ ସୁନା। ଏନେଇ ଅଧିକ ତଦନ୍ତ ଜାରି ରହିଛି।

## ବଳଦେବ ଜୀଉଙ୍କ ରଥ ନିର୍ମାଣ ଲାଗି କୋଟିଏ ଟଙ୍କାର ସ୍ୱତନ୍ତ୍ର ଅନୁଦାନ

**ଭୁବନେଶ୍ୱର,୨୫।୨ (ମହାଭାରତ):** କେନ୍ଦ୍ରାପଡା ଜିଲ୍ଲାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି



ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀ ମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁ ନଥିଲା ଏବଂ ପାଖାପାଖି ଦୁଇଦିନ ବଳମ୍ବ ହେଉଥିଲା। ବାହୁଡା ଯାତ୍ରା ସମୟରେ ମଧ ସମାନ ସ୍ଥିତି ଦେଖା ଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏଥିନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ବଳଦେବଜୀଉ ମନ୍ଦିର କେନ୍ଦ୍ରାପଡ଼ା ସହରର ୨ କି.ମି. ଦକ୍ଷିଣ ପଶ୍ଚିମ ଦିଗରେ ଇଚ୍ଛାପୁର ଗାଁର କେନ୍ଦ୍ରରେ ଅବସ୍ଥିତ। ଓଡ଼ିଶାର ଐତିହାସିକ କିର୍ତ୍ତୀରାଜିମାନଙ୍କ ଭିତରେ ଏହି ମନ୍ଦିର ହେଉଛି ଅନ୍ୟତମ। ଅଷ୍ଟାଦଶ ଶତାବ୍ଦୀରେ ମରାଠା ଶାସନ କାଳରେ ଏହି ମନ୍ଦିର ନିର୍ମାଣ ହୋଇଥିବା କିମ୍ବଦନ୍ତୀ କହିଥାଏ। ନାଗପୁରର ରଘୁଜୀ ଭୋସଲେ ନାମକ ମରାଠା ଶାସକ ଏହାକୁ ଗଢ଼ିଥିଲେ ବୋଲି କୁହାଯାଏ।

## ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ



**ଭୁବନେଶ୍ୱର,୨୫।୨ (ମହାଭାରତ):** ଶ୍ରୀ ଜଗନ୍ନାଥ ମନ୍ଦିରର ଉଦ୍ ?ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ ମାତ୍ର ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ ବୋଲି ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି। ଏହି ଅବସରରେ ଗଙ୍ଗା ଆରତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ସେ କହିଥିଲେ ଯେ ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧେ ବୋଲି ସେ ଉଲ୍ଲେଖ କରିଥିଲେ।

ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ସେ ପ୍ରକୃତି ସଂରକ୍ଷଣ, ଗଙ୍ଗା ସ୍ୱଚ୍ଛତା ଓ ମାନବ ସେବା କ୍ଷେତ୍ରରେ ସ୍ୱାମୀଜୀଙ୍କ ଅବଦାନକୁ ସ୍ମରଣ କରିଥିଲେ। ସେ ଆହୁରି କହିଥିଲେ ଯେ ପ୍ରାଚୀନକାଳରୁ ପ୍ରୟାଗରାଜ ଋଷି ଓ ମୁନିମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ସେ ଆଶା ପ୍ରକାଶ କରିଥିଲେ ଯେ ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଲ୍ ? ଶକ୍ତି ମନ୍ତ୍ରୀ ଶ୍ରୀ ସ୍ୱତନ୍ତ୍ର ଦେବ୍ ସିଂହ, ଓଡିଶାର ଆଡଭୋକେଟ ଜେନେରାଲ ଶ୍ରୀ ପିତାମ୍ବର ଆଚାର୍ଯ୍ୟ ଏବଂ ଶହ ଶହ ସାଧୁ ସନ୍ଥ ଯୋଗ ଦେଇଥିଲେ ।

## ସହର ଉପକଣ୍ଠ ରୂପାନ୍ତରଣ ପାଇଁ ୨୦୦ କୋଟିର ପାଣ୍ଠି

**ଭୁବନେଶ୍ୱର,୨୫।୨(ମହାଭାରତ):** ରାଜ୍ୟର ବିକାଶ ଯାତ୍ରାକୁ ଏକ ନୂତନ ଦିଗ ଦେବା ।ଇଁ ଓଡ଼ିଶା ସରକାର ଗ୍ରହଣ କରିଛନ୍ତି ଏକ ଐତିହାସିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ୨୦୨୬–୨୭ ଆର୍ଥିକ ବର୍ଷର ବଜେଟରେ 'ଗ୍ରାମୀଣ–ସହରୀ ରୂପାନ୍ତରଣ' କାର୍ଯ୍ୟକ୍ରମ ପାଇଁ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ଘୋଷଣା କରାଯାଇଛି। ଏହି ପଦକ୍ଷେ ମାଧ୍ୟମରେ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାମ ପଞ୍ଚାୟତ ଓ ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସୁନିୟନ୍ତ୍ରିତ, ସ୍ଥାୟୀ ଓ ଅନ୍ତର୍ଭୁକ୍ତୀମୂଳକ ସହରୀକରଣ ଦିଗକୁ ନେଇଯିବା ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ଅର୍ଥନୈତିକ ଗତିଶୀଳତା ସହିତ ଅନେକ ସହର ଉପକଣ୍ଠ ଅଞ୍ଚଳ ସ୍ୱାଭାବିକ ଭାବରେ ସହରୀ କ୍ଲଷ୍ଟରରେ ରିଣତ ହେଉଛି। ଯଦି ଏହାକୁ ଯୋଜନାବଦ୍ଧ ଭାବେ ପରିଚାଳନା କରାଯାଇନଥାଏ, ତେବେ ଅଣପରିକଳ୍ପିତ ବସତି, ଅର୍ଯ୍ୟାପ୍ତ ଭିତ୍ତିଭୂମି ଓ ରିବେଶ ଚା ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଏହି ପରିପ୍ରେକ୍ଷିତରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବପ୍ରସ୍ତୁତିମୂଳକ ଓ ବୈଜ୍ଞାନିକ ଢାଞ୍ଚାରେ ଏହି କାର୍ଯ୍ୟକ୍ରମ ରୂପାୟଣ ଆରମ୍ଭ ହେବ। ଏହି ଦକ୍ଷେ କେବଳ ଏକ ପ୍ରଶାସନିକ ଶ୍ରେଣୀଭୁକ୍ତିରେ ସୀମିତ ନୁହେଁ; ବରଂ "ପ୍ରଶାସନିକ ପ୍ରସ୍ତୁତି" ଓ "ଭିତ୍ତିଭୂମି ସୁଦୃଢ଼ୀକରଣ" ଉପରେ ଏହାର ମୁଖ୍ୟ ଗୁରୁତ୍ୱ। କୌଣସି ଅଞ୍ଚଳକୁ ଆନୁଷ୍ଠାନିକ ଭାବେ ସହର ଘୋଷଣା ପୂର୍ବରୁ ସେଠାରେ ଆବଶ୍ୟକ ସହରୀ ସୁବିଧା ଓ ସେବା ଯୋଗାଣ ସୁନିଶ୍ଚିତ କରାଯିବ।

ରୂପାନ୍ତରଣ ଢାଞ୍ଚାର ମୁଖ୍ୟ ଦିଗଗୁଡ଼ିକ ସହର ଉପକଣ୍ଠ ଅଞ୍ଚଳର ସୁନିୟନ୍ତ୍ରିତ ଓ ଶୃଙ୍ଖଳିତ ବିକାଶ, ଯାହା ଅଣପରିକଳ୍ପିତ ସମ୍ପ୍ରସାରଣକୁ ରୋକିବ। ।ାରମ୍ଭିକ ପର୍ଯ୍ୟାୟରୁ ସହର ଅନୁରୂ ନାଗରିକ ସୁବିଧା—ଜଳ ନିଷ୍କାସନ, ବର୍ଜ୍ୟବସ୍ତୁ ପରିଚାଳନା, ଷ୍ଟ୍ରିଟ୍ ଲାଇଟ୍ ଓ ଆଧାରଭୂତ ଭିତ୍ତିଭୂମି। ଜଳବାୟୁ ସହନଶୀଳତାକୁ ଗୁରୁତ୍ୱ ଦେଇ ସନ୍ତୁଳିତ ଓ ନିୟନ୍ତ୍ରିତ ଜମି ବ୍ୟବହାର ଓ ଗ୍ରାମୀଣ ପ୍ରଶାସନରୁ ସହରୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁ ରୂପାନ୍ତରଣ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସକ୍ଷମ କରିବା। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି "ଓଡ଼ିଶା ଆଜି ସହରୀକରଣର ଏକ ନିର୍ଣ୍ଣାୟକ ର୍ଯ୍ୟାୟରେ ଅଛି। ସହରୀକରଣ ଅନିବାର୍ଯ୍ୟ, କିନ୍ତୁ ଅଣପରିକଳ୍ପିତ ସହରୀକରଣକୁ ନିଶ୍ଚୟ ଏଡ଼ାଯାଇପାରିବ। ୨୦୦ କୋଟି ଟଙ୍କାର ଏହି ପାଣ୍ଠି ସହିତ ଆମେ ପୂର୍ବପ୍ରସ୍ତୁତିମୂଳକ ପଦକ୍ଷେ ଗ୍ରହଣ କରୁଛୁ। ଆଜିର ଯୋଜନାବଦ୍ଧ ଦକ୍ଷେ ଆଗାମୀ ଦିନର ସୁସଂଗଠିତ ଓ ପ୍ରଗତିଶୀଳ ଓଡ଼ିଶାର ଭିତ୍ତି ସୃଷ୍ଟି କରିବ।" ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି "ଆମ ଲକ୍ଷ୍ୟ ହେଉଛି ସହର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ବୈଜ୍ଞାନିକ ଓ ଡାଟା-ଭିତ୍ତିକ ଯୋଜନା ମାଧ୍ୟମରେ ସୁନିୟନ୍ତ୍ରିତ ଭାବେ ବିକଶିତ କରିବା।

### ବିଏମ୍‌ସିର ୧୦୫୦ କୋଟିର ବଜେଟକୁ ଅନୁମୋଦନ

## ରାଜଧାନୀବାସୀଙ୍କ ମୁଣ୍ଡରେ ପଡିବ ଟିକସ ବୋଝ

**ଭୁବନେଶ୍ୱର,୨୫।୨(ମହାଭାରତ):** ରାଜଧାନୀ ଭୁବନେଶ୍ୱରବାସୀଙ୍କ ମୁଣ୍ଡରେ ଅଧିକ ଟିକସ ବୋଝ ଲଦିପାରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ଆଜି ବିଏମସିର ୧୦୫୦କୋଟି ଟଙ୍କାର ବଜେଟକୁ ଅନୁମୋଦନ ମିଳିବା ପରେ ଏଭଳି ଆଶଙ୍କା ସୃଷ୍ଟି ହୋଇଛି। ତେବେ ପୌର ନିର୍ବାଚନୀ ବର୍ଷରେ ବିଏମସି ନିଜର ଟିକସ ବୃଦ୍ଧି ଟାର୍ଗେଟକୁ ପୂରଣ କରିବା ପାଇଁ ରାଜଧାନୀବାସୀଙ୍କ ମୁଣ୍ଡରେ ଅତିରିକ୍ତ ଟିକସ ବୋଝ ଲଦିବ ନା ଅନ୍ୟକେଉଁ ସୂତ୍ରରୁ ଏହାକୁ ଭରଣା କରିବ ତାହା ଏବେ ସବୁଠୁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ର ସ୍ୱତନ୍ତ୍ର ବଜେଟ୍ ଅଧିବେଶନ-୨୦୨୬-୨୭, ଆଜି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବଜେଟ୍ ଅଧିବେଶନରେ ଫାଇନାନ୍ସ ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଶ୍ରୀ ରାଜକିଶୋର ଦାସ ବଜେଟ୍ ଉପସ୍ଥାପନ କରିଥିଲେ ।

୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଶ୍ରୀ ଦାସ ୧୦୫୦ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି । ବଜେଟର ରୂପରେଖ ସହ କେଉଁ କେଉଁ କ୍ଷେତ୍ରରେ କେତେ ଅର୍ଥବ୍ୟୟ କରାଯିବା ।ଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ତାର ବିସ୍ତୃତ ତଥ୍ୟ ଉପସ୍ଥାନ କରିଥିଲେ । ବିଏମ୍ ସି ମୁଖ୍ୟତଃ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭର କରେ ।ୂର୍ବରୁ ଏଥିପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ସର୍ତ୍ତ ନଥିଲା । ମାତ୍ର ଏବେ ସରାକର ଅନୁଦାନ ପାଇଁ ବାର୍ଷିକ ଶତକଡା ୧୨.୬୫ ପ୍ରତିଶତ ଆୟ ବୃଦ୍ଧି ପାଇଁ ସର୍ତ୍ତ ରଖିଛନ୍ତି । ତେଣୁ ବିଏମ୍ ସିକୁ ସରକାରୀ ଅନୁଦାନ ପାଇଁ ଚଳିତ ଆର୍ଥିକ ବର୍ଷ ଆମକୁ ନିଜସ୍ୱ ଆୟ ବୃଦ୍ଧି କରିବାକୁ ପଡିବ ବୋଲି ବଜେଟ୍ ଉପସ୍ଥାନ ଅଭିଭାଷଣରେ ଶ୍ରୀ ଦାସ କହିଥିଲେ ।




ଭୁବନେଶ୍ୱରକୁ ସୁସ୍ଥ, ସମୃଦ୍ଧ, ସ୍ୱଚ୍ଛ, ସବୁଜ, ସୁନ୍ଦର ଏବଂ ପରିବେଶ ଅନୁକୂଳ ସହିତ ସୁଦୃଢ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଏହି ବଜେଟ୍ ବେଶ୍ ସହାୟ ହେବ । ଏହା ଏକ ଲୋକାଭିମୁଖି, ସୁସ୍ଥ, ସମୃଦ୍ଧ ବୃହତ୍ତ ଏବଂ ସମସ୍ତଙ୍କୁ ସୁହାଇବା ଭଳି ବଜେଟ୍ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ । ଏହି ବଜେଟ-୨୦୨୬-୨୭ ଆର୍ଥିକ ବର୍ଷରେ ବିଏମ୍ ସିର ନିଜସ୍ୱ ଆୟ ୩୦୦.୦୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରୀ ଅନୁଦାନରୁ ୭୫୦.୦୦ କୋଟି ଟଙ୍କା ମିଳିବାର ଆକଳନ କରାଯାଇଛି । ଏହା ଦ୍ୱାରା ରାସ୍ତାଘାଟ, ଡ୍ରେନ, ସୌନ୍ଦର୍ଯ୍ୟକରଣ, ବର୍ଜ୍ୟ ପରିଚାଳନା ଆଦି ସୁଗମ ହୋଇପାରିବ ବୋଲି ସେ କହିଛନ୍ତି ।ରକ୍ଷଣାବେକ୍ଷଣ, ସଫେଇ କାର୍ଯ୍ୟ ଓ ଅନ୍ୟାନ୍ୟ ନାଗରିକ ସେବାପାଇଁ ଏହି ବଜେଟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସହରର ଭିତ୍ତିଭୂମି ବିକାଶ, ।ର୍କ ଓ ସବୁଜ ପରିବେଶ ସୃଷ୍ଟି ପାଇଁ ମଧ ବଜେଟରେ ଆର୍ଥିକ ବ୍ୟବସ୍ଥା ରହିଅଛି । କେବଳ ସେତିକି ନୁହେଁ ଡିଜିଟାଲ ସେବାର ସଂପ୍ରସାରଣ, ସଫେଇ ବ୍ୟବସ୍ଥାର ସୁଦୃଢ଼ିକରଣ, ପରିବେଶ ସୁରକ୍ଷା ଓ ସମସ୍ତ ବର୍ଗଙ୍କ ପାଇଁ ଉତ୍ତମ ଧରଣର ବାସୋପଯୋଗୀ ପରିବେଶ ପ୍ରଦାନ କରିବା ପାଇଁ ଏହି ବଜେଟରେ ଗୁରୁତ୍ୱାରୋ କରାଯାଇଛି ।

ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ଶ୍ରୀ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ଶ୍ରୀମତୀ ସସ୍ମିତା ସାହୁ, ଶ୍ରୀ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଶ୍ରୀ ଦୀପକ ରଂଜନ ବେହେରା, ସିଟି ଇଂଜିନିୟର ଶ୍ରୀ ନାରଦ ଚନ୍ଦ୍ର ରଥ ପ୍ରମୁଖ ମଂଚାସୀନ ଥିଲେ । ଏହି ସ୍ୱତନ୍ତ୍ର ବଜେଟ୍ ଅଧିବେଶନ-୨୦୨୬-୨୭ରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ଅଧକ୍ଷା ଯୋଗଦେଇଥିଲେ ।

## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିପସି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

**ଖବର**

# ରଣବୀର କପୁର 'ସଲୋନି', 'ଷ୍ଟେଫିଟ୍'ର ବ୍ରାଣ୍ଡ୍ ଆମ୍ବାସଡର୍



ମହେଶ ଏଡିବଲ୍ ଅଏଲ୍ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଏହାର ଦୁଇ ବ୍ରାଣ୍ଡ୍ ସଲୋନି ଓ ଷ୍ଟେଫିଟ୍ ପାଇଁ ବଲିଉଡ୍ ତାରକା ରଣବୀର ସିଂହଙ୍କୁ ବ୍ରାଣ୍ଡ୍ ଆମ୍ବାସଡର ଭାବେ ନିଯୁକ୍ତ କରାଯାଇଛି। ସଲୋନି ବ୍ରାଣ୍ଡ୍ରେ କମ୍ପାନି ସୋରିଷ ତେଲ ଓ ସୋୟା ବଡ଼ି ବିକ୍ରି କରୁଥିବା ବେଳେ ଷ୍ଟେଫିଟ୍ ବ୍ରାଣ୍ଡ୍ରେ ରିଫାଇନ୍ଡ ତେଲ ବିକ୍ରି କରୁଛି। ଏହି ସହଯୋଗିତା ସମ୍ପର୍କରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଦୀନେଶ ରାଠୋର କହିଛନ୍ତି ଯେ ରଣବୀରଙ୍କୁ ନେଇ ପ୍ରସ୍ତୁତ ପ୍ରଚାର ଅଭିଯାନ ଅଧିକ ଲୋକଙ୍କୁ ବ୍ରାଣ୍ଡ୍ ବିଷୟରେ ପରିଚିତ କରାଇବ।କମ୍ପାନିର ନିର୍ଦ୍ଦେଶକ ମହେଶ ରାଠୋରଙ୍କ ମତରେ ଗୁଣାତ୍ମକ ମାନ ଓ ପରିମାଣ ଦୃଷ୍ଟିରୁ କମ୍ପାନିର ଦୃ ଉତ୍ପାଦନ କ୍ଷମତା ରହିଛି। ଦେଶରେ ବୃଥିବା ଚାହିଦାକୁ ଉଚ୍ଚ ମାନର ଉତ୍ପାଦ ଜରିଆରେ ପୂରଣ କରିବାକୁ କମ୍ପାନି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। କମ୍ପାନିର କାଟେଗୋରି ମୁଖ୍ୟ ଆଦିତ୍ୟ ରାଠୋର କହିଛନ୍ତି ଯେ ଲୋକଙ୍କ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଓ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାର ନୂଆ ଅଭ୍ୟାସ ପାଇଁ ସୋୟା ବଡି ଚାହିଦା ବିଛି। ସଲୋନି ସୋୟା ବଡିର ଗ୍ରହଣୀୟତା ଦ୍ରୁତ ଗତିରେ ବୃଛି। ରଣବୀରଙ୍କ ସହ ସହଯୋଗିତା ଦ୍ୱାରା ଆମ ଅଭିବୃଦ୍ଧି ଆହୁରି ୍ବରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତ।

## ବାସ୍ତୁ ଉପଯୋଗୀ ବୃକ୍ଷ



☐ ଘର ବଗିଚାରେ ଅଶ୍ୱଥ, ବବୁଲ୍ ଭଳି ଗଛ ଲଗାଇବା ଉଚିତ୍ ନୁହେଁ । ଏହି ଗଛ ଥିଲେ ଘରେ ସବୁବେଳେ ଆଶାନ୍ତି ଲାଗି ରହିଥାଏ ।

☐ଗୋଲାପ, ଚମ୍ପା, ଯୁଇ୍ ଆଦି ଘର ଭିତରେ ଲଗାଯାଇପାରିବ । ମାତ୍ର ଲାଲ୍ ଗେଣ୍ଡୁ ଓ କଳା ଗୋଲାପ ଥିଲେ ଚିନ୍ତା ଏବଂ ଶୋକ ବୃଦ୍ଧି ହୋଇଥାଏ ।

☐ ପଢ଼ାଘରେ ଧଳା ଫୁଲ ଥିବା ଗଛ ରହିଲେ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ । ଅଧ୍ୟୟନ କକ୍ଷର ପୁର୍ବ ଏବଂ ଦକ୍ଷିଣ ଦିଗରେ କୁଣ୍ଡ ରଖିବା ଉଚିତ।

☐ ରୋଷେଇ ଘର ବଡ଼ ହୋଇଥିଲେ ପୋଦିନା, ଧନିଆ, ଲଙ୍କା ଆଦି ଛୋଟ ଛୋଟ ବୃକ୍ଷ କୁଣ୍ଡରେ ଲଗାଇ ରଖିହେବ । ବାସ୍ତୁ ନିୟମ ଅନୁଯାୟୀ ଏଭଳି ବୃକ୍ଷ ଥିଲେ ରୋଷେଇ ଘରେ କେବେ ପିମ୍ପୁଡ଼ି ଏବଂ ମାଛିଙ୍କ ଉପଦ୍ରବ ଦେଖାଯାଇ ନଥାଏ ।

# ଶ୍ରୀକୃଷ୍ଣଙ୍କ ଶାନ୍ତି ପ୍ରସ୍ତାବ

ମହାଭାରତରେ ପାଣ୍ଡବଙ୍କ ଅଜ୍ଞାତବାସ ସମାପ୍ତି ହେବା ପରେ କୌରବଙ୍କଠାରୁ ଅପମାନର ପ୍ରତିଶୋଧ ନେବାକୁ ପ୍ରସ୍ତୁତିରେ ଥିଲେ । ଏହି ସମୟରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କ ବିବାହରେ ଅନେକ ରାଜା ଉପସ୍ଥିତ ଥିଲେ । ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ବିରାଟ ରାଜାଙ୍କ ଦରବାରକୁ ସମସ୍ତ ରାଜାଙ୍କୁ ଆମନ୍ତ୍ରିତ କରାଯାଇଥିଲା । ସେଠାରେ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ଅନ୍ୟାୟ ଓ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା କରିଥିଲେ । ମହାରାଜ ଦ୍ରୁପଦ ପାଣ୍ଡବଙ୍କୁ ସମର୍ଥନ କରିଥିଲେ । ତେବେ ସବୁ ରାଜାଙ୍କ ସହମତିରେ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ଦୁତ



ପଠାଇବାକୁ ନିଷ୍ପତ୍ତି ନିଆଗଲା ।

ପାଣ୍ଡବମାନେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲେ । ପାଞ୍ଚାଳ ଏବଂ ବିରାଟ ସୋନାଙ୍କ ସହିତ କୁରୁକ୍ଷେତ୍ର ନିକଟରେ ଶିବିର ଲଗାଗଲା । କୌରବମାନେ ଏ ସଂପର୍କରେ ଜାଣିପାରିଲେ ଏବଂ ବିଭିନ୍ନ ରାଜାଙ୍କୁ ନିଜ ପକ୍ଷକୁ ନେବା ପାଇଁ ନିମନ୍ତ୍ରଣ କଲେ । ଯାଦବମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ବାହାରି ପଡ଼ିଲେ । ଯେତେବେଳେ ଏହି ଦୁଇଜଣ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଲେ ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଶୋଇ ଯାଇଥିଲେ । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ନିକଟରେ ଏବଂ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ ମୁଣ୍ଡ ନିକଟରେ ବସିଲେ । ଶ୍ରୀକୃଷ୍ଣ ଆଖି ଖୋଲି ପ୍ରଥମେ ଅର୍ଜୁନ ଓ ପରେ ଦୁର୍ଯ୍ୟୋଧନକୁ ଦେଖିଲେ । ଯୁଦ୍ଧ ପାଇଁ ନିଜର ନାରାୟଣୀ ସେନାକୁ ଦୁର୍ଯ୍ୟୋଧନଙ୍କୁ ଦେଲେ ଏବଂ ସ୍ୱୟଂ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ରହିବା ପାଇଁ ପ୍ରତିଜ୍ଞା କରିବା ସହ ଯୁଦ୍ଧରେ ଶସ୍ତ୍ର ଉଠାଇବେ ନାହିଁ ବୋଲି ପ୍ରତିଜ୍ଞା ମଧ୍ୟ କଲେ । ସେପଟେ ପାଣ୍ଡବଙ୍କ ପକ୍ଷରୁ ଶାନ୍ତି ପ୍ରସ୍ତାବ ନେଇ ଆସିଥିବା ଦୁତକୁ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ଛୁଞ୍ଚି ମୁନସମ ଜାଗା ମଧ୍ୟରେ ପାଣ୍ଡବ ମାନଙ୍କୁ ମିଳିବ ନାହିଁ । ଯୁଧିଷ୍ଠିରଙ୍କ ପରାମର୍ଶରେ ଶ୍ରୀକୃଷ୍ଣ ପୁନର୍ବାର ଶାନ୍ତି ପ୍ରସ୍ତାବ ନେଇ ହସ୍ତିନାକୁ ଗଲେ । ପାଣ୍ଡବ କେବଳ ୫ଟି ଗାଁରେ ସନ୍ତୁଷ୍ଟ ହେବା ବିଷୟ ଏହି ଶାନ୍ତିବାର୍ତ୍ତାରେ ରହିଥିଲା । ହସ୍ତିନାପୁରରେ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇଥିଲା । ଶ୍ରୀକୃଷ୍ଣଙ୍କୁ ବାନ୍ଧି କଏଦୀ କରି ରଖିବାକୁ ଦୁର୍ଯ୍ୟୋଧନ ଯୋଜନା କଲା । ଆୟୋଜିତ ସଭାରେ ଶ୍ରୀକୃଷ୍ଣ ସନ୍ଧି କଥାବାର୍ତ୍ତା ପାଇଁ କହିଥିଲ । ଧୃତରାଷ୍ଟ୍ର ସନ୍ଧି ପକ୍ଷରେ ଥିଲେ, କିନ୍ତୁ ଦୁର୍ଯ୍ୟୋଧନ ଏହାକୁ ମାନିଲା ନାହିଁ ଏବଂ ଶ୍ରୀକୃଷ୍ଣଙ୍କୁ ବାନ୍ଧି ଆଣିବାକୁ ଆଦେଶ ଦେଲା । ଏବଂ କହିଲା ଶ୍ରୀକୃଷ୍ଣ ଦୁତଙ୍କ କାର୍ଯ୍ୟ କରୁନାହାନ୍ତି ବରଂ ପାଣ୍ଡବଙ୍କ ପକ୍ଷଭୁକ୍ତ ଅଛନ୍ତି । କର୍ଣ୍ଣ, ଦୁଃଶାସନ, ଶକୁନି ପ୍ରଭୃତି ଦୁର୍ଯ୍ୟୋଧନକୁ ସମର୍ଥନ କରି ଯୁଦ୍ଧ କରିବାକୁ ଚାହିଁଲେ । ତେବେ କୃଷ୍ଣ କହିଲେ ଯେ, ପାଣ୍ଡବମାନଙ୍କୁ କେବଳ ୫-ଟି ଗ୍ରାମ ଦେଇଦିଅ । କିନ୍ତୁ ଏଥିରେ ମଧ୍ୟ ଦୁର୍ଯ୍ୟୋଧନ ରାଜି ହେଲେ ନାହିଁ । ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ ଗାଳି କରିବା ସହ ସଭାରୁ ବାହାରି ଆସିଲେ ।

# ସଫଳ ହୁଏ ବିଦ୍ୱାନ ବ୍ୟକ୍ତି



ଶପିତାମହ ଭୀଷ୍ମ ମୃତ୍ୟୁ ପୂର୍ବରୁ ପାଣ୍ଡୁପୁତ୍ର ଯୁଧିଷ୍ଠିରଙ୍କୁ ଅନେକ ନୀତିଶିକ୍ଷା ଦେଇଥିଲେ । ଯାହା ମହାଭାରତର ଶାନ୍ତି ପର୍ବରେ ଉଲ୍ଲେଖ ରହିଛି । ଏଥିରେ ତିନି ଜଣ ଏପରି ଲୋକଙ୍କ କଥା କୁହାଯାଇଛି, ଯେଉଁମାନେ କୌଣସି ଜଟିଳ ପରିସ୍ଥିତିକୁ ସରଳତାର ସହ ମୁକାବିଲା କରିପାରିବେ । ଏହି ତିନି ଜଣ ବ୍ୟକ୍ତି ହେଲେ ବୁଦ୍ଧିମାନ, ବିଦ୍ୱାନ ଏବଂ ନୀତିଶାସ୍ତ୍ରରେ ନିପୁଣ । ଏହି ତିନି ଜଣ ବ୍ୟକ୍ତି ଜୀବନରେ ଆସୁଥିବା କୌଣସି ପ୍ରକାରର ବିପତ୍ତିକୁ ସହ୍ୟ କରିପାରିବେ । ଥରେ ପାଣ୍ଡବମାନେ ବନବାସ ଯାଇଥିବା ସମୟରେ ଧର୍ମରାଜ ଯମ ନିଜ ପୁତ୍ର ଯୁଧିଷ୍ଠିରଙ୍କ ପରୀକ୍ଷା ନେବାକୁ ଚାହିଁଲେ । ତେଣୁ ସେ ଯକ୍ଷ ରୂପ ଧାରଣ କଲେ । ଜଣ ଜଣ କରି ସମସ୍ତ ପାଣ୍ଡବଙ୍କୁ ଏକ ସରୋବର ନିକଟକୁ ଅପହରଣ କରିନେଇ ଅଦୃଶ୍ୟ କରିଦେଲେ । ଶେଷରେ ଯୁଧିଷ୍ଠିର ଆସିଲେ । ସେ ଆସି ପହଞ୍ଚି ଦେଖିଲେ ଯେ ତାଙ୍କ ୪ ଭାଇଙ୍କ ମୃତଦେହ ପୋଖରୀ କୂଳରେ ପଡ଼ିଛି । ଯୁଧିଷ୍ଠିର ଯକ୍ଷଙ୍କ ସହ ଆଲୋଚନା କଲେ । ଯକ୍ଷ ତାଙ୍କୁ କେତେକ ପ୍ରଶ୍ନ ପଚାରିଲେ । ସବୁ ପ୍ରଶ୍ନର ଉତ୍ତର ଦେଇସାରିବା ପରେ ଯୁଧିଷ୍ଠିର ନିଜ ଭାଇମାନଙ୍କୁ ଜୀବିତ କରିଦେବା ଲାଗି ଅନୁରୋଧ କଲେ । ଧର୍ମରାଜ କହିଲେ, ମୁଁ ତୁମର ଗୋଟିଏ ଭାଇଙ୍କୁ ଜୀବିତ କରିଦେଇପାରେ । ଯୁଧିଷ୍ଠିର କହିଲେ, ତା'ହେଲେ ନକୁଳ କିମ୍ବା ସହଦେବଙ୍କ ମଧ୍ୟରୁ ଜଣକୁ କାହାକୁ ଜୀବିତ କରିଦିଅନ୍ତୁ । କାରଣ ଭୀମ ଏବଂ ଅର୍ଜୁନ ମାତା କୁନ୍ତୀଙ୍କ ପୁତ୍ର । ନକୁଳ ଏବଂ ସହଦେବ ମାତା ମାଦ୍ରୀଙ୍କ ପୁତ୍ର । ମୁଁ କୁନ୍ତୀ ମାତାଙ୍କ ଜଣେ ପୁତ୍ର ଭାବେ ଜୀବିତ ଅଛି, ତେଣୁ ଆପଣ ମାଦ୍ରୀଙ୍କ ପୁତ୍ରଙ୍କୁ ଜୀବିତ କରିଦିଅନ୍ତୁ । ଯୁଧିଷ୍ଠିରଙ୍କ ଏହି ବୁଦ୍ଧିମାନ ଭର ବାଣୀ ଶୁଣି ଯକ୍ଷ ତାଙ୍କର ସବୁ ଭାଇଙ୍କୁ ମୁକ୍ତ କରିଦେଇଥିଲେ । ଦୁର୍ଯ୍ୟୋଧନ ଜନ୍ମ ନେବା ସମୟରେ ଚତୁର୍ଦ୍ଦିଗରେ ବିଭିନ୍ନ ଅଘଟଣ ଘଟିବାକୁ ଲାଗିଲେ । ବିଲୁଆ ରୋଦନ କରିବାକୁ ଲାଗିଲା । ମହାମନ୍ତ୍ରୀ ବିଦୁର ମହାବିଦ୍ୱାନ ତଥା ଶାସ୍ତ୍ରଜ୍ଞାନୀ ଥିଲେ । ତେଣୁ ଦୁର୍ଯ୍ୟୋଧନ ଭଳି ଏକ ଅଶୁଭ ପୁତ୍ରକୁ ତ୍ୟାଗ କରିବା ଲାଗି ସେ ରାଜା ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ପୁତ୍ର ମୋହରେ ଧୃତରାଷ୍ଟ ନୀତିଜ୍ଞ ବିଦୁରଙ୍କ କଥା ମାନିଲେ ନାହିଁ । ଏହି କାରଣରୁ କୁରୁବଂଶ ଧ୍ୱଂସ ହୋଇଗଲା । ପାଣ୍ଡବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବିଦ୍ୱାନଙ୍କ ଶରଣରେ ଥିଲେ । ଭଗବାନ ଯେଉଁସ୍ଥାନରେ ଥିଲେ ସେଠାରେ ଧର୍ମ ରହିଥିଲା । ଆଜୀବନ ପାଣ୍ଡବମାନେ କୌଣସି ସଂକଟରେ ପଡୁଥିଲେ, ଶ୍ରୀକୃଷ୍ଣ ସେମାନଙ୍କର ସହାୟତା କରିଥିଲେ । କୃଷ୍ଣଙ୍କ ମାର୍ଗଦର୍ଶନ ପାଇ ପାଣ୍ଡବମାନେ ମହାଭାରତ ଭଳି ମହାଯୁଦ୍ଧରେ ବିଜୟୀ ହୋଇଥିଲେ । ତେଣୁ ବିଦ୍ୱାନ ବ୍ୟକ୍ତି ଜୀବନର ସମସ୍ତ କାର୍ଯ୍ୟରେ ସଫଳତା ଲାଭ କରିଥାଏ ।

# ଜୀମୂତବାହନ-ମଳୟବତୀ ବିବାହ

ମହାଧନ ବିଦ୍ୟାଧରଙ୍କ କନ୍ୟାକୁ ବଧୂ ରୂପରେ ପାଇ ଅତ୍ୟନ୍ତ ଆନନ୍ଦ ହେଲେ । ପୁଲିନ୍ଦକଙ୍କର ବନ୍ଧୁ ପ୍ରୀତି ଓ ଚରିତ୍ରବତ୍ତା ସମଗ୍ର ରାଜ୍ୟରେ ପ୍ରଶଂସିତ ହେବାକୁ ଲାଗିଲା । ମହାଧନଙ୍କ ଅନୁରୋଧ କ୍ରମେ



ବଲ୍ଲଭୀର ରାଜା ସମଗ୍ର ଅରଣ୍ୟ ରାଜ୍ୟ ପୁଲିନ୍ଦକଙ୍କୁ ପ୍ରଦାନ କଲେ । ବସୁଦତ୍ତ ଏହା ପରଠାରୁ ମନୋହରୀଣି ପତ୍ନୀ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲେ । ବସୁଦତ୍ତଙ୍କ ପତ୍ନୀଙ୍କ ନାମ ମେନୋବତୀ ଥିଲା । ସେହି ମେନୋବତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ମହାଧନ ନାତିର ନାମକରଣ କଲେ ହିରଣ୍ୟଦତ୍ତ । ମହାଧନ ଜୀବନରେ ଅନ୍ତିମ ଫଳ ଲାଭକଲେ ବୋଲି ଭାବି ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ । ପିତୃ ଶୋକରେ ଅଧୀର ହେଲେ ବସୁଦତ୍ତ । ଶେଷରେ ପୁଲିନ୍ଦକ ଆସି ଆଶ୍ୱସ୍ତ କରାଇଲେ । ପରେ ଜୀମୂତବାହନ ମିତ୍ରାବସୁଙ୍କୁ କହିଲେ, ମୋର ଶିବ ଶିଙ୍କରଙ୍କ ଅଭିଶାପ ମନରେ ଉଦିତ ହେଲା । ବସୁଦତ୍ତ ପୁତ୍ରର ବୟୋପ୍ରାପ୍ତ ଦେଖି ତାକୁ ବିବାହ କରାଇ ପତ୍ନୀ ଓ ମିତ୍ରଙ୍କୁ ନେଇ କାଳଞ୍ଜର ପର୍ବତକୁ ଗମନ କଲି । ସେହି ପର୍ବତ ଉପରେ ପତ୍ନୀ ଓ ମିତ୍ରଙ୍କୁ ଶିବଙ୍କର ଅଭିଶାପ ବିଷୟ କହିଲି । ଶିବ ମନ୍ଦିରକୁ ଯାଇ ତୁମ୍ଭଙ୍କୁ ମିତ୍ର ରୂପେ ଓ ମେନୋବତୀଙ୍କୁ ପତ୍ନୀ ରୂପରେ ପରଜନ୍ମରେ ଯେପରି ପାଇବି ବୋଲି ପ୍ରାର୍ଥନା କଲି । ପ୍ରଭୁ ଶିବଶଙ୍କର ଦୟା କଲେ । ସେହି ଗୌରିପତିଙ୍କ ସ୍ମରଣ କରି ଗିରିଶିଖରରୁ ଲମ୍ଫ ପ୍ରଦାନ ପୂର୍ବକ ପ୍ରାଣତ୍ୟାଗ କଲି । ମୁଁ ସେହି ଜାତିସ୍ମର ବସୁଦତ୍ତ । କଳ୍ପବୃକ୍ଷଙ୍କ ଦୟାରୁ ରାଜକୂଳରେ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଛି । ତୁମେ ସେହି ମିତ୍ର ପୁଲିନ୍ଦକ ଓ ତୁମ ଭଗିନୀ ମଳୟବତୀ ହେଉଛନ୍ତି ମେନୋବତୀ । ତେଣୁ ହେ ମିତ୍ର ତୁମ୍ଭେ ମୋର ପିତା-ମାତାଙ୍କୁ ଜଣାଅ ସେମାନେ ଅନୁମତି ପ୍ରଦାନ କଲେ ତୁମ୍ଭର ଅଭୀଷ୍ଟ ପୂରଣ ହେବ । ଜୀମୂତବାହାନଙ୍କ ନିକଟରୁ ଏପରି ଶ୍ରବଣ କରି ମିତ୍ରାବସୁ ନିଜ ପିତା-ମାତାଙ୍କୁ ଜଣାଇଲେ । ମିତ୍ରାବସୁଙ୍କୁ ସାଦରେ ଆଦେଶ ପ୍ରଦାନ କଲେ ତା'ପରେ ମିତ୍ରାବସୁ ଜୀମୂତକେତୁ ଓ ତାଙ୍କ ପତ୍ନୀଙ୍କୁ ଜୀମୂତବାହନ ଓ ଭଗିନୀ ମଳୟବତୀଙ୍କର ବିବାହ ସମ୍ବନ୍ଧ କରିବାକୁ ଅନୁମତି ଲୋଡ଼ିଲେ । ରାଜା ଜୀମୂତକେତୁ ଓ ରାଣୀ ଆନନ୍ଦରେ ସମର୍ଥନ କଲେ । ପରେ ମିତ୍ରାବସୁ ଭଗିନୀର ବିବାହର ଆୟୋଜନ କଲେ । ଜୀମୂତବାହନ ଓ ମଳୟବତୀଙ୍କର ବିବାହ ଶେଷ ହେଲା । ସେ ସେହି ପର୍ବରେ ରହି ପିତା-ମାତାଙ୍କ ସେବା କରିବାକୁ ଲାଗିଲେ ।

ନଗରନକ୍ସା
ମହାନଗରର ନିଜ ଭାଷା



# ଏମ୍ସରେ ଲିଭର ଟ୍ରାନ୍ସପ୍ଲାଂଟ ୟୁନିଟ୍ ଏବଂ ରୋବୋଟିକ୍ ସର୍ଜରୀ ସିଷ୍ଟମ ଉଦଘାଟିତ

**ଭୁବନେଶ୍ୱର, ୨୫।୨ (ମହାଭାରତ):** ଏମ୍ସ ଭୁବନେଶ୍ୱର ସଫଳତାର ସହିତ ଏକ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ(ଲିଭର ଟ୍ରାନ୍ସପ୍ଲାଂଟ) କାର୍ଯ୍ୟକ୍ରମ ସହିତ ଏକ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ସୋମବାର ଭର୍ଚୁଆଲ୍ ଭାବରେ ଲିଭର ଟ୍ରାନ୍ସପ୍ଲାଂଟ ୟୁନିଟ୍ ଉଦଘାଟନ କରିଛନ୍ତି ଏବଂ ପ୍ରତିଷ୍ଠାନରେ ଉନ୍ନତ ରୋବୋଟିକ୍ ସର୍ଜରୀ ସିଷ୍ଟମକୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରିଛନ୍ତି।

ସୁବିଧାଗୁଡ଼ିକୁ ଉଦଘାଟନ କରି ଶ୍ରୀ ନଡ୍ଡା କହିଛନ୍ତି ଯେ 'ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଅବସର, ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଉର୍ଦ୍ଧ୍ୱ ଯାତ୍ରାରେ ଆଉ ଏକ ମାଇଲଖୁଂଟ। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ମଜବୁତ କରିବ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବ, ଯାହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ରୋଗୀଙ୍କ ପାଇଁ ଉନ୍ନତ, ବିଶ୍ୱସ୍ତରୀୟ, ଜୀବନ ରକ୍ଷାକାରୀ ଚିକିତ୍ସା ସୁବିଧା ପ୍ରଦାନ କରିବ।' ଏମ୍ସ ଭୁବନେଶ୍ୱର ଟିମ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ପ୍ରତିଷ୍ଠାନ ପୂର୍ବରୁ ସଫଳତାର ସହିତ ବୃକକ୍ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ କରିଆସୁଥିବା ବେଳେ, ଲିଭର ଟ୍ରାନ୍ସପ୍ଲାଂଟ କାର୍ଯ୍ୟକ୍ରମର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଅଧ୍ୟାୟ ଏବଂ ଏହି ଅଂଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଂଟ।



ଅଙ୍ଗଦାନ ସହିତ ଜଡିତ ଜାତୀୟ ପ୍ରାଥମିକତା ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା ନାଗରିକମାନଙ୍କୁ ସଚେତନ କରିବା ଏବଂ ଅଙ୍ଗଦାନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ ଏହି ଜାତୀୟ ଆବେଦନ ପରେ ତୁରନ୍ତ ଯକୃତ ପ୍ରତିରୋପଣ ସୁବିଧାର ଶୁଭାରମ୍ଭ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏବଂ ନିର୍ଦ୍ଦେଶନା ସହିତ ଏହାର ପ୍ରୟାସକୁ ସମନ୍ୱିତ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ଅଙ୍ଗଦାନର ମହାନ ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିନିଧିତ୍ୱ କରେ।

ଶ୍ରୀ ନଡ୍ଡା କହିଥିଲେ ଯେ 'ଯକୃତ ପ୍ରତିରୋପଣ ସୁବିଧା ପଶ୍ଚିମବଙ୍ଗ, ଆସାମ ଏବଂ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ସମେତ ଓଡ଼ିଶା ଏବଂ ପୂର୍ବ ଭାରତର ରୋଗୀମାନଙ୍କ ପାଖରେ ଶେଷ ପର୍ଯ୍ୟାୟ ଯକୃତ ରୋଗର ଉନ୍ନତ ଚିକିତ୍ସା ଆଣିବ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ଦୁର୍ବଳ ରୋଗୀମାନଙ୍କୁ ଆର୍ଥିକ କଷ୍ଟ ବିନା ପ୍ରତିରୋପଣ ଏବଂ ବ୍ୟାପକ ଅନୁସରଣ ଯତ୍ନ ନେବାକୁ ସକ୍ଷମ କରିବ, ଯାହା ଦ୍ୱାରା ସେମାନଙ୍କୁ ଦୀର୍ଘ ଦୂରତା ଯାତ୍ରାର ବୋଝରୁ ମୁକ୍ତି ମିଳିବ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ ପ୍ରତିନିଧିତ୍ୱ କରିବ।' ଶ୍ରୀ ନଡ୍ଡା କହିଛନ୍ତି ଯେ ଏହା ସର୍ଜିକାଲ, ଗ୍ୟାଷ୍ଟ୍ରୋଏଂଟେରୋଲୋଜିଷ୍ଟ, କ୍ଲିନିକାଲ୍, ନର୍ସ, ଟେକ୍ନିସିଆନ୍ ଏବଂ ସହାୟକ କର୍ମଚାରୀଙ୍କ ଅକ୍ଳାନ୍ତ ଉତ୍ସର୍ଗ ଏବଂ ଅଧ୍ୟବସାୟର ଫଳାଫଳ, ଯାହାଙ୍କ ସମନ୍ୱିତ ଟିମ୍ୱାର୍କ ଏହି ଜଟିଳ ପ୍ରକ୍ରିୟାଗୁଡ଼ିକର ସଫଳ ପରିଚାଳନାକୁ ସମ୍ଭବ କରିଥିଲା। ସେ ସମଗ୍ର ଚିକିତ୍ସା ଏବଂ ଅଣଚିକିତ୍ସା କର୍ମଚାରୀଙ୍କୁ ସେମାନଙ୍କର ଅଟଳ ପ୍ରତିବଦ୍ଧତା ଏବଂ ବୃତ୍ତିଗତତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଲୋକସଭା ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ ଯେ ଏମ୍ସ ଭୁବନେଶ୍ୱର ଅନ୍ୟାନ୍ୟ ଏମ୍ସ ପ୍ରତିଷ୍ଠାନ ପାଇଁ ଏକ ଆଦର୍ଶ ଭାବରେ ଉଭା ହୋଇଛି, ସ୍ୱାସ୍ଥ୍ୟସେବା ପ୍ରଦାନ, ଚିକିତ୍ସା ଶିକ୍ଷା ଏବଂ ଗବେଷଣାରେ ନିରନ୍ତର ନୂତନ ମାଇଲଖୁଣ୍ଟ ହାସଲ କରିଛି। ସମାବେଶକୁ ସମ୍ବୋଧିତ କରି, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ) ଏବଂ ରାଷ୍ଟ୍ରୀୟ ଆରୋଗ୍ୟ ନିଧି ଅଧୀନରେ ଜୀବନ ରକ୍ଷାକାରୀ ପ୍ରତିରୋପଣ ସେବା ଯୋଗାଇ ଦିଆଯାଉଛି, ଯାହା ସୁନିଶ୍ଚିତ କରୁଛି ଯେ ଆର୍ଥିକ ଭାବରେ ପଛୁଆ ରୋଗୀମାନେ ଆର୍ଥିକ କଷ୍ଟ ବିନା ବ୍ୟାପକ ପ୍ରତିରୋପଣ ଯତ୍ନ ପାଇବେ।

ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷ ଡ. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀମତୀ ଅଙ୍କିତା ମିଶ୍ର ବୁନ୍ଦେଲା ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏପରି ଏକ ସ୍ମରଣୀୟ ମୁହୂର୍ତ୍ତ ଏବଂ ସଫଳତା ପାଇଁ ସମସ୍ତ ସମର୍ଥନ ପ୍ରଦାନ ସହିତ ଦୃଢ଼ ନେତୃତ୍ୱ ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ ପି ନଡ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଡ. ବିଶ୍ୱାସ ଏହି ଅବସରରେ ନିଜର ଯକୃତ ପ୍ରଦାନ କରିଥିବା ଦୁଇ ଦାତାଙ୍କୁ ସମ୍ମାନିତ କରିଥିଲେ। ଏମ୍ସ ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପ ହେବ ସ୍ପୋର୍ଟସ୍ ହବ୍

**ଭୁବନେଶ୍ୱର, ୨୫।୨ (ମହାଭାରତ):** ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ପ୍ରସ୍ତାବ ପରେ କୁଜଙ୍ଗ



ବ୍ଲକ ଉଦୟବଟରେ ଗ୍ୟାଲେରୀ ସହିତ ଏକ ବହୁମୁଖୀ ଇନଡୋର ଷ୍ଟାଡିୟମ ଏବଂ ୨୫ ମିଟର ବିଶିଷ୍ଟ ସୁଇମିଂ ପୁଲ୍ ନିର୍ମାଣ ପ୍ରସ୍ତାବକୁ ନୀତିଗତ ଭାବେ ଅନୁମୋଦନ କରିଛନ୍ତି କ୍ରୀଡ଼ା ଓ ଯୁବସେବା ବିଭାଗ। ପ୍ରକଳ୍ପ ପାଇଁ ଅତିକମରେ ୫ ଏକର ପରିମିତ ଏକ ଜବରଦଖଲମୁକ୍ତ ସରକାରୀ ଜମି ଚିହ୍ନଟ କରି ବିଭାଗକୁ ଜଣାଇବାକୁ ଅନୁରୋଧ କରାଯାଇଛି। ଗତମାସ କୁଜଙ୍ଗ ଏବଂ ତିର୍ତୋଲରେ ବ୍ଲକସ୍ତରୀୟ ଷ୍ଟାଡିୟମକୁ ପ୍ରଶାସନିକ ଅନୁମୋଦନ ମିଳିବା ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କୃତଜ୍ଞତା ଜଣାଇବା ସହ ଏହାକୁ ଅଧିକ ବ୍ୟାପକ ଓ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। କୁଜଙ୍ଗ ବ୍ଲକ ଅନ୍ତର୍ଗତ ଉଦୟବଟରେ ଏକ ପୂର୍ଣ୍ଣାଙ୍ଗ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିବା ସହ ଏହା ସ୍ଥାନୀୟ କ୍ରୀଡ଼ାବିତଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ଉଲ୍ଲେଖ କରିଥିଲେ। ସେହିପରି ସେଠାରେ ୨୫ ମିଟର ବିଶିଷ୍ଟ ବିଶ୍ୱସ୍ତରୀୟ ସୁଇମିଂ ପୁଲ୍ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ଏଥିସହ ପୂର୍ବରୁ ଅନୁମୋଦିତ ବ୍ଲକ ସ୍ତରୀୟ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ ସ୍ପୋର୍ଟସ କମ୍ପ୍ଲେକ୍ସରେ ଉନ୍ନୀତ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆବେଦନ କରିଥିଲେ। ଏଥିରେ ବ୍ଲକସ୍ତରୀୟ ଷ୍ଟାଡିୟମ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିବା ବିଭିନ୍ନ କ୍ରୀଡ଼ା, ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା, ଅଧିକ କ୍ଷମତା ସମ୍ପନ୍ନ ଗ୍ୟାଲେରୀ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦେଇଥିଲେ। ସମାନ ପରିସର ମଧ୍ୟରେ ଏକ କ୍ରିକେଟ ପଡ଼ିଆର ବ୍ୟବସ୍ଥା କରିବାକୁ ଉଲ୍ଲେଖ କରିଥିଲେ। ପାରାଦୀପ ହେବ ସ୍ପୋର୍ଟସ ହବ। ଗାଁ ଗାଁରୁ କ୍ରୀଡାବିତଙ୍କ ପ୍ରତିଭାର ବିକାଶ ପାଇଁ ପ୍ଲାଟଫର୍ମ ଯୋଗାଇଦେବେ ରାଜ୍ୟ ସରକାର।

# ଦ ଟିଚର୍ ଆପ୍ ୨.୦ର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୨୫।୨ (ମହାଭାରତ):** ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ ଓ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଭାରତୀ ଏୟାରଟେଲ୍ ଫାଉଣ୍ଡେସନର ଏକ ଅଭିନବ ପ୍ରୟାସ 'ଦ ଟିଚର୍ ଆପ୍ ୨.୦'ର ଶୁଭାରମ୍ଭ କରିଛନ୍ତି। ଏହି ଏଆଇ ଚାଳିତ ଆପ୍ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ପାଇଁ ଏକ ସଶକ୍ତ ମାଧ୍ୟମ ଯୋଗାଇଦେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ ଏହି ଏଆଇ-ଚାଳିତ ଡିଜିଟାଲ୍ ସହଯୋଗୀ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ଉପକରଣ, ଗୁଣାତ୍ମକ ବିଷୟବସ୍ତୁ ଏବଂ ଡ୍ୟାସବୋର୍ଡ ଯୋଗାଇଦେବ, ଯାହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିବାରେ ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ଏଭଳି ପଦକ୍ଷେପ ଶିକ୍ଷକମାନଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହିତ ସେ




ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ଏବଂ ସିକେ-୧୨ ଫାଉଣ୍ଡେସନକୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଭାରତ ସଫଳତାର ସହ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ସମ୍ପନ୍ନ କରିଛି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଜି ଜୀବନର ପ୍ରତିଟି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଜାତୀୟ ଶିକ୍ଷା ନୀତି ୨୦୨୦ର ଆଭିମୁଖ୍ୟ ଅନୁଯାୟୀ, ଶିକ୍ଷା ବ୍ୟବସ୍ଥାରେ ଏଆଇ ଭଳି ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ରକ୍ଷା କରିବା ପାଇଁ ସରକାର ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ 'ଦ ଟିଚର୍ ଆପ୍ ୨.୦' ଦେଶରେ ଚାଲିଥିବା ଏଆଇ ବିପ୍ଲବକୁ ଅଧିକ ଗତିଶୀଳ କରିବ। ଯଦି ଏଆଇକୁ ସଠିକ୍ ଭାବେ ବ୍ୟବହାର କରାଯାଏ, ତେବେ ଏହା ଶିକ୍ଷା କ୍ଷେତ୍ରରେ ଏକ 'ଫୋର୍ସ ମଲ୍ଟିପ୍ଲାୟର ଭାବେ କାର୍ଯ୍ୟ କରିବା ସହ ଉତ୍ତମ ଶିକ୍ଷଣ ଫଳାଫଳ ଏବଂ ବ୍ୟକ୍ତିଗତ ଶିକ୍ଷାଦାନକୁ ସୁନିଶ୍ଚିତ କରିବ। ଶେଷରେ, ମନ୍ତ୍ରୀ ଏହି ପ୍ଲାଟଫର୍ମରେ ସୋଭେରେନ୍ ଏଲ୍ଏଲ୍ଏମ୍ ବ୍ୟବହାର କରିବାକୁ ଏବଂ ତାଲିମ ଉପକରଣଗୁଡ଼ିକୁ ବିଭିନ୍ନ ଭାରତୀୟ ଭାଷାରେ ଉପଲବ୍ଧ କରାଇବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଦେଶର ବହୁଭାଷୀ ଶିକ୍ଷକ ସମାଜ ଏହାର ସୁଫଳ ପାଇପାରିବେ ବୋଲି କହିବା ସହ ଦେଶରେ ଚାଲିଥିବା ଏଆଇ ବିପ୍ଳବରେ 'ଦ ଟିଚର୍ ଆପ୍ ୨.୦' ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଶିକ୍ଷା ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

# 'ମନ କି ବାତ' ଜରିଆରେ ସାଧାରଣ ଲୋକଙ୍କ ଅସାଧାରଣ କାମକୁ ଲୋକଲୋଚନକୁ ଆଣୁଛନ୍ତି ପ୍ରଧାନମନ୍ତ୍ରୀ : ମନମୋହନ

**ଭୁବନେଶ୍ୱର, ୨୫।୨ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ତାଙ୍କ ୧୩୧ତମ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ମୋଦିଜୀ ବିଶ୍ୱର ଏକମାତ୍ର ନେତା ଯିଏ କି "ମନ କି ବାତ ଜରିଆ"ରେ ସାଧାରଣ ଲୋକଙ୍କ ଅସାଧାରଣ ପ୍ରତିଭାକୁ ଲୋକଲୋଚନକୁ ଆଣୁଛନ୍ତି। ୧୪୦କୋଟି ଦେଶବାସୀଙ୍କ ମନରେ ସଚେତନତା ସୃଷ୍ଟି କରି ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛନ୍ତି। ପୂର୍ବରୁ ଅନେକ ଘଟଣା ଲୋକଲୋଚନକୁ ଆସି ପାରୁ ନ ଥିଲା। ମାତ୍ର ମୋଦିଜୀ ସଂସ୍କୃତିଠାରୁ ଆରମ୍ଭ କରି ଐତିହ୍ୟ, ପରମ୍ପରା ଓ ଲୋକାଲ ଫର୍ ଭୋକାଲ ଆଦି ବିଷୟକୁ ଲୋକଲୋଚନକୁ ଆଣି ପୁର୍ନଜୀବିତ କରିପାରୁଛନ୍ତି। ମୋଦିଜୀ ଓଡ଼ିଆ ପୁଅ ହୀରୋଧ ପଟେଲଙ୍କ ଅତ୍ୟାଧୁନିକ କୃଷି ପ୍ରଣାଳୀ ବିଷୟରେ ଦେଶବାସୀଙ୍କୁ ଜଣାଇ ସବୁ ଓଡ଼ିଆଙ୍କୁ ଗର୍ବିତ କରିଛନ୍ତି। ପଟେଲ ଆଜି ସବୁ ଯୁବବର୍ଗ ପାଇଁ ପ୍ରେରଣା ପାଲଟିଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଗୋପୀନାଥ ମଣ୍ଡଳ ଅନ୍ତର୍ଗତ ବୁଥ୍ ନଂ. ୧୫୩, ପାଣ୍ଡରା ସାଇ ମନ୍ଦିର ପ୍ରାଙ୍ଗଣରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ, ହୀରୋଧଙ୍କ ଅସାଧାରଣ ପ୍ରତିଭା ବିଷୟରେ "ମନ୍ କି ବାତ୍" କାର୍ଯ୍ୟକ୍ରମରେ କହି ମୋଦିଜୀ ତାଙ୍କ ତ୍ୟାଗ ଓ ତପସ୍ୟାକୁ କେବଳ ସ୍ୱୀକୃତି ଦେଇନାହାନ୍ତି, ସାରା ଦେଶର ଲୋକେ ଓଡ଼ିଆ ଚାଷୀଙ୍କ ବିଷୟରେ ଅବଗତ ହୋଇପାରିଛନ୍ତି। ଏହାଦ୍ୱାରା ଯୁବବର୍ଗ ଚାଷ ପାଇଁ ମନବଳେଇବା ସହ ଚାଷ କ୍ଷେତ୍ରରେ ନିଜ ଜୀବନ ଓ ଯୌବନକୁ ସମର୍ପିତ କରିବାକୁ ଇଛାବ୍ୟକ୍ତ କରିବେ। ଏନେଇ ମୋଦିଜୀଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ। ଏହି ଅବସରରେ ଶ୍ରୀ ମୋଦିଜୀ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ବିଷୟରେ କହିବା ସହ ପ୍ରଯୁକ୍ତିବିଦ୍ୟା, ଅଙ୍ଗଦାନ ଓ ସାଇବର ଅପରାଧ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସାରା ବିଶ୍ୱର ନେତା, ଶିଳ୍ପପତି, ଉଦ୍ଭାବକ ଓ ଟେକ୍‌ଗୁରୁମାନେ ଏକତ୍ରିତ ହୋଇ ଏଆଇ ସମ୍ମିଳନୀକୁ କିପରି ସଫଳ କରାଇଛନ୍ତି ସେବିଷୟରେ ଆଲୋକପାତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ସମ୍ପାଦକ ଶ୍ରୀ ସରୋଜ କର, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମିଶ୍ର, ଓଡ଼ିଆ ଚଳଚ୍ଚିତ୍ର କଳାକାର ଶ୍ରୀ ହରିହର ମହାପାତ୍ର ଏବଂ ଗୋପିନାଥ ମଣ୍ଡଳ ସଭାପତି ଜଳନ୍ଧର ସୁବୁଦ୍ଧିଙ୍କ ସମେତ ଜିଲ୍ଲାସ୍ତରୀୟ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ "ମନ କି ବାତ" କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ ସୁନାବେଢ଼ା ପୌରଧ୍ୟକ୍ଷ

**ଭୁବନେଶ୍ୱର, ୨୫।୨ (ମହାଭାରତ):** ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନାବେଢ଼ା ପୌରପାଳିକାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନାବେଡା ପୌରପାଳିକାର କାଉନ୍ ସିଲର ସୁରେନ୍ଦ୍ର ସେଠୀ, ଗଜେନ୍ଦ୍ର ମାଝୀ, ସ୍ୱରୁପ ପଟ୍ଟନାୟକ ବିଜେଡି ଦଳ ପରିତ୍ୟାଗ କରି ଏବଂ ମମତା କୁମାରୀ ଖୋରା ଓ ଅଳକା ଲେଙ୍କା ପ୍ରମୁଖ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ସୁନାବେଡାର ବରିଷ୍ଠ ବିଜେଡି ନେତା ମନୋଜ ସେନାପତି, ଇନ୍ଦ୍ରାମଣି ନାୟକ, ଗୋଦାବରୀଶ ବେହେରା, ସତ୍ୟବ୍ରତ ପ୍ରଧାନ ଓ ମୁକେଶ କୁମାର ପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ସେହିପରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପିପଲାପୋଡ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ନମୋ ମାଣ୍ଡିଙ୍ଗା, ପୂର୍ବତନ ନାଏବ ସରପଂଚ ରାଉତ ମିନିଆକା, ୱାର୍ଡ ମେମ୍ବର ଗୋପି ମାଣ୍ଡିଙ୍ଗା, ନରି କୁଲସିକା, ଚାଚିର କୁଲସିକା, ମଟିଆ ମାଣ୍ଡିଙ୍ଗା, ଆରିଆ ମାଣ୍ଡିଙ୍ଗା, ଅର୍ଚ୍ଚିତା ମାଣ୍ଡିଙ୍ଗା, ବିନୋଦ



ମିନିଆକାଙ୍କ ସହ ଲକ୍ଷ୍ମୀପୁର ପଂଚାୟତ ବିଜେଡି ସଭାପତି ପାତ୍ର ପିଲାନ୍ତି, ସମ୍ପାଦକ ହେମାଳୟ ହାଲୱା, କୁଟିଙ୍ଗା ପଂଚାୟତ ସଭାପତି ସମୀର ବିଦିକା ବିଜୁଜନତା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ରଘୁରାମ ମାଛ, ରାଜ୍ୟ ସମ୍ପାଦକ ସରୋଜ କର, କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି, ବରିଷ୍ଠ ନେତା ସୁମନ୍ତ କୁମାର ପ୍ରଧାନ, କୈଳାସ ଚନ୍ଦ୍ର କୁଲେସିକା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟ ପରିବହନ ଓ ସ୍ଥାୟୀ ଭବିଷ୍ୟତ ଆମର ଲକ୍ଷ୍ୟ

**ଭୁବନେଶ୍ୱର, ୨୫।୨ (ମହାଭାରତ):** ସହରାଂଚଳ ପରିବହନ ପାଇଁ ୪୨୧ କୋଟି ଟଙ୍କାର ବ୍ୟୟବରାଦ ହେବାପରେ ଏବେ ଅଧିକରୁ ଅଧିକ ସଂଖ୍ୟକ ପରିବେଶ ଅନୁକୂଳ ଇ-ବସ୍ ଆଣିବାପାଇଁ ସରକାର ଅଂଟା ଭିଡିଛନ୍ତି। ରାଜ୍ୟରେ ଚାଲୁଥିବା ଇ-ବସ୍ ତାଲିକାରେ ଆଉ ୬୦୦ ଇ-ବସ୍ ଯୋଡାଯିବ ବୋଲି ସୂଚନା ମିଳିଛି। ରାଜ୍ୟରେ ସହରାଂଚଳ ପରିବହନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ୨୦୨୬-୨୭ ବଜେଟରେ ୪୨୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟରେ ଇ-ବସ୍ ସେବା ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ବ୍ୟାପକ କରାଯିବ। ରାଜ୍ୟ ସରକାର ୬୦୦ ଇ-ବସ୍ କିଣିବାକୁ ଯୋଜନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନାରେ ରାଜ୍ୟକୁ ଆଉ ୪୦୦ ଇ-ବସ୍ ଆସିବ ବୋଲି ଜଣାଯାଇଛି। ଏହା ଫଳରେ ରାଜ୍ୟରେ ଆମ ବସ୍ ସେବାର କଳେବର ବୃଦ୍ଧି ପାଇବା ସହିତ ସହରାଂଚଳରେ ଏହା ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବ। ଉଲ୍ଲେଖନୀୟ



ଯେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ ଆମ୍ ବସ୍ ସେବା ଏବେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଛି। ଆମ ବସରେ ଯାତାୟତ କରୁଥିବା ଯାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଡିଜିଟାଲ୍ ମାଧ୍ୟମରେ ଦେୟ ପ୍ରଦାନ କରୁଛନ୍ତି ଯାହା ସରକାରଙ୍କ ଡିଜିଟାଲ ଇଣ୍ଡିଆକୁ ଅଧିକ ସୁଦୃଢ଼ କରୁଛି। ସେହିଭଳି ଯାତ୍ରୀମାନଙ୍କୁ ଘରୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ପରିବହନ ସେବା ଯୋଗାଇବା ପାଇଁ ଆମ ଇ-ରାଇଡ୍ ସେବାକୁ ଅଧିକ ସୁଦୃଢ଼ କରାଯାଉଛି। 'ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ରୁଟ୍ ଅପ୍ଟିମାଇଜେସନ୍ ଓ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦିଆଯାଉଛି। ବଜେଟରେ ଅର୍ଥ ବରାଦ ଓ ନୂତନ ପଦକ୍ଷେପ ସଂକ୍ରାନ୍ତରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଏହି ବଜେଟ୍ ଆମ ସରକାରଙ୍କ ଲୋକ-କୈନ୍ଦ୍ରିକ ବିକାଶର ପ୍ରତିଫଳନ କ୍ଷ ଆମ ବସ୍ ଓଡ଼ିଶାରେ ସାଧାରଣ ପରିବହନର ସଂଜ୍ଞା ବଦଳାଇ ଦେଇଛି କ୍ଷ ଆମେ କେବଳ ସଂଯୋଗୀକରଣ ବଢ଼ାଉନାହୁଁ, ବରଂ ଭବିଷ୍ୟତ ପାଇଁ ଏକ ସ୍ୱଚ୍ଛ ଓ ସବୁଜ ସହର ନିର୍ମାଣ କରୁଛୁ। ଆମ ବସ୍ ସେବାରେ ଅଧିକରୁ ଅଧିକ ଇ-ବସ୍ ସାମିଲ କରି ଆମେ ସହରାଂଚଳ ପରିବହନକୁ ଅଧିକ ସୁଲଭ ଏବଂ ପରିବେଶ ଅନୁକୂଳ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢୀ କହିଛନ୍ତି। ବଜେଟରେ ରାଜ୍ୟ ସରକାର ସହରାଂଚଳ ପରିବହନକୁ ଯେଉଁଭଳି ଅଗ୍ରାଧିକାର ପ୍ରଦାନ କରିଛନ୍ତି ତାହା ଆଗାମୀ ଦିନରେ ସହରାଂଚଳ ପରିବହନ ବ୍ୟବସ୍ଥାକୁ କେବଳ ସୁସଂଗତ କରିବନାହିଁ, ଦେଶରେ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀମତୀ ପାଢୀ କହିଛନ୍ତି।

# ଟେଟ୍ରା ପ୍ୟାକରେ ମଦ ବିକ୍ରି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କର: ବିଜେଡି

**ଭୁବନେଶ୍ୱର, ୨୫।୨ (ମହାଭାରତ):** ରାଜ୍ୟ ବିଜେପି ସରକାରଙ୍କର ଟେଟ୍ରା ପ୍ୟାକ୍ରେ ମଦ ବିକ୍ରି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି। ନିକଟରେ ଓଡ଼ିଶା ବିଧାନସଭାରେ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିଲେ ଯେ, ମଦ କାଚ ବୋତଲ ବଦଳରେ ଟେଟ୍ରା ପ୍ୟାକ୍ରେ ବିକ୍ରି କରାଯିବ। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ବିଜୁ ମହିଳା ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ସୁମିତ୍ରା ଜେନା ଏହି ନିଷ୍ପତ୍ତିକୁ ଅନୈତିକ ଓ ଯୁବ ବିରୋଧୀ ବୋଲି କହିବା ସହିତ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି।

ଶ୍ରୀମତୀ ମଲ୍ଲିକ କହିଛନ୍ତି, ନିର୍ବାଚନ ସମୟରେ ବିଜେପି ଓଡ଼ିଶାକୁ ମଦମୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏବେ ଟେଟ୍ରା ପ୍ୟାକ୍ ପ୍ୟାକେଜିଂ ପ୍ରଚଳନ କରି ଓଡ଼ିଶାକୁ ମଦଯୁକ୍ତ ରାଜ୍ୟରେ ପରିଣତ କରିବାକୁ ଯାଉଛନ୍ତି। ମଦ ବିରୋଧରେ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଏବେ ମଦକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି, ଯେଉଁଥିପାଇଁ ପ୍ରଥମଥର ପାଇଁ ମଦରୁ ରାଜସ୍ୱ ଆୟ ୧୦,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ପୂର୍ବ ସରକାରଙ୍କ ଦ୍ୱାରା ବନ୍ଦ ହୋଇଥିବା ୭୦ଟି ମଦ ଦୋକାନ ଗୁଡ଼ିକୁ ପୁନର୍ବାର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଲଜ୍ଜାଜନକ କଥା। ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ଅପେକ୍ଷା, ରାଜସ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି। ମହୁଲିରୁ ମଦ, ମାଣ୍ଡିଆରୁ ମଦ ଓ ଗନ୍ଧହୀନ ମଦ, ନୂତନ ପ୍ରକାରର ମଦ ପ୍ରଚଳନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନା ଗୁଡ଼ିକର ନାମ ଓ ରଙ୍ଗ ପରିବର୍ତ୍ତନ କରିଛନ୍ତି। ରାଜ୍ୟ ବିଜେପି ସରକାରଙ୍କ ନିଜସ୍ୱ ଯୋଜନା ବୋଲି କିଛି ନାହିଁ। ସରକାରଙ୍କର ଏହି ନିଷ୍ପତ୍ତି ଛାତ୍ର ଓ ଯୁବକ ଯୁବତୀ ମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦୃଢ ଦାବି କରିଥିଲେ। ଶ୍ରୀମତୀ ସୁମିତ୍ରା ଜେନା କହିଥିଲେ ଯେ, ଟେଟ୍ରା ପ୍ୟାକ୍ରେ ମଦ ବିକ୍ରି ଛାତ୍ରମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ। କୌଣସି ଦାୟିତ୍ୱସମ୍ପନ୍ନ ସରକାର ଏହିଭଳି ନୀତିକୁ ପ୍ରୋତ୍ସାହନ ଦେବା ଅତ୍ୟନ୍ତ ନିନ୍ଦନୀୟ। ଏହା ଆଶ୍ଚର୍ଯ୍ୟଜନକ ଯେ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ଅନୈତିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି। ଗୁଟ୍କା ନିଷେଧ ଉପରେ ବିଜେପିର ୟୁ-ଟର୍ଣ୍ଣ ସେମାନଙ୍କର ଦୋମୁହାଁ ନୀତିକୁ ପ୍ରଦର୍ଶିତ କରୁଛି।

## ଏଆଇ ସମିଟରେ କଂଗ୍ରେସର ପ୍ରଦର୍ଶନ

ଏଆଇ ଇମ୍ପାକ୍ଟ ସମିଟ ସମ୍ମିଳନୀରେ ୨୦ଟି ଦେଶର ଶାସନ ମୁଖ୍ୟ, ପ୍ରାୟ ୪୫ଟି ଦେଶର ମନ୍ତ୍ରୀ ବା ଅନ୍ୟ ବରିଷ୍ଠ ନେତାଙ୍କ ସମେତ ୧୧୮ଟି ଦେଶର ପ୍ରତିନିଧି ସାମିଲ ହୋଇଥିଲେ। ବହୁ ବଡ଼ ବଡ଼ କମ୍ପାନୀର ସିଇଓ, ବିଶେଷଜ୍ଞ ଏବଂ ଶିଳ୍ପୋଦ୍ୟୋଗୀମାନେ ସମିଟରେ ସାମିଲ ହୋଇଥିଲେ। ଅନେକ ପ୍ରସଙ୍ଗରେ ଆଲୋଚନା ହେଲା। ସମ୍ମିଳନୀର ଗୃହୀତ ସଙ୍କଳ୍ପକୁ ୮୬ଟି ଦେଶର ସମର୍ଥନ ମିଳିଛି। ଦୁଇଟି ଅନ୍ତଃରାଷ୍ଟ୍ରୀୟ ସଙ୍ଗଠନ ମଧ୍ୟ ଏଥିର ସ୍ୱାକ୍ଷର କରିଛନ୍ତି। ସମ୍ମିଳନୀରେ ଆଇଏମଏଫର ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭିଆ ମଧ୍ୟ ଯୋଗ ଦଇ ତାଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ବୈଠକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏଆଇର ସୁଫଳ କିପରି ସମାଜର ସବୁଠାରୁ ପଛରେ ଥିବା ଲୋକ ନିକଟରେ ପହଂଚିପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଆଇର ସଫଳ ଉପଯୋଗ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି ଏବଂ ଉଚ୍ଚତର ବିଜ୍ଞାନ ଗବେଷଣାରେ ବ୍ୟାପକ ଫାଇଦା ମିଳିବା ସମ୍ଭାବନା ରହିଛି। ଏଆଇ ଦ୍ୱାରା ନିଯୁକ୍ତି ସଙ୍କୋଚନ ନେଇ ଯାହା ଆଶଙ୍କା କରାଯାଉଛି ତାହା ସମ୍ପୂର୍ଣ୍ଣ ଭୁଲ। ବରଂ ଏଆଇ ଦ୍ୱାରା ନିଯୁକ୍ତି ସୁଯୋଗ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନେକ ବିଶେଷଜ୍ଞ ମଧ୍ୟ ନିଜ ନିଜ ବକ୍ତବ୍ୟରେ ସମାନ କଥା କହିଛନ୍ତି ଏବଂ ଏଆଇର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏ କ୍ଷେତ୍ରରେ ଭାରତର ଦିଗଦର୍ଶନକୁ ସମସ୍ତେ ପସନ୍ଦ କରିଛନ୍ତି। ଏହି ସମ୍ମିଟରେ ଯୋଗ ଦେବାକୁ ଆସିଥିବା ଫ୍ରାନ୍ସ ଏବଂ ବ୍ରାଜିଲ ରାଷ୍ଟ୍ରପତିଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ମୋଦି ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି। ସେମାନଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ମଧ୍ୟ ସମ୍ପାଦିତ ହୋଇଛି। ଫ୍ରାନ୍ସରୁ ଭାରତ ୧୧୪ଟି ରଫେଲ ଜେଟ କିଣିବ। ବ୍ରାଜିଲ ସହ ବିରଳ ମୃ□କା କାରବାର ନେଇ ମଧ୍ୟ ଚୁକ୍ତି ହୋଇଛି। ଏସବୁ ଏଆଇ ଇମ୍ପାକ୍ଟ ସମିଟର ସଫଳତା। ଏହା ସମ୍ମିଟ ଆୟୋଜିତ ହେବା ଭାରତ ପାଇଁ ଗର୍ବ ଏବଂ ଗୌରବର ବିଷୟ। ଏହା ଦ୍ୱାରା ବିଶ୍ୱ ଦରବାରରେ ଭାରତର ସମ୍ମାନ ବଢ଼ିଛି। କିନ୍ତୁ ଏଥିରେ ଅସହିଷ୍ଣୁ ହୋଇ କଂଗ୍ରେସର କିଛି ଯୁବ କର୍ମୀ ଏଆଇ ସମିଟରେ ନିଜ ଦେହରୁ ସାର୍ଟ ଖୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ନାରା ବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ପୋଲିସ ଆସି ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଏହି ଘଟଣାକୁ କେବଳ ଶାସକ ଦଳ ନୁହେଁ, ବିରୋଧୀ ଦଳର ଅନେକ ନେତା ମଧ୍ୟ ସମାଲୋଚନା କରିଛନ୍ତି ଏବଂ କଂଗ୍ରେସ କର୍ମୀମାନେ ଏପରି କରିବା ଉଚିତ ନଥିଲା ବୋଲି କହିଛନ୍ତି। କାରଣ ଏହି ସମିଟ ବିଜେପି ନୁହେଁ, ଭାରତ ସରକାର ଆୟୋଜନ କରିଥିଲେ। ଏଭଳି ଏକ ଅନ୍ତର୍ଜାତୀୟ ସମ୍ମିଳନୀ ବେଳେ ଦେଶର ମୁଖ୍ୟ ବିରୋଧୀ ଦଳ ଏପରି ଦାୟିତ୍ୱହୀନ କାର୍ଯ୍ୟ କରି ଦେଶର ସମ୍ମାନକୁ ମାଟିରେ ମିଶାଇ ଦେଇଛି। ସମାଜବାଦୀ ପାର୍ଟୀ ନେତା ଅଖିଳେଶ ଯାଦବ, ମାୟାବତୀ, ଜଗନମୋହନ ରେଡ୍ଡୀ, ଆରଜେଡି ନେତା ମନୋଜ ଝା ପ୍ରମୁଖ ଏହାକୁ ନାପସନ୍ଦ କରିଛନ୍ତି। ବାସ୍ତବରେ ନରେନ୍ଦ୍ର ମୋଦିଙ୍କୁ ଅପମାନିତ, ଅସମ୍ମାନୀତ ଏବଂ ବଦନାମ କରିବାକୁ କଂଗ୍ରେସ କେତେ ତଳକୁ ଖସିଯାଇପାରେ ତାହାର ନିଛକ ଉଦାହରଣ ଏବେ ଦେଖିବାକୁ ମିଳିଲା। ଏହା ମୋଦି ସରକାରଙ୍କ ସଫଳତାରେ କଂଗ୍ରେସ କେତେ ଅସହିଷ୍ଣୁ ଏବଂ ଈର୍ଷା ପରାୟଣ ହୋଇଛି ତାହା ପ୍ରମାଣିତ କରୁଛି। ଏଥିପାଇଁ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏବଂ ରାହୁଲ ଗାନ୍ଧି ଦେଶବାସୀଙ୍କ ଆଗରେ ନିଃସ□ କ୍ଷମା ପ୍ରାର୍ଥନା କରିବା ଉଚିତ। ଏହା ଦ୍ୱାରା କଂଗ୍ରେସର ଭାବମୂ□ୀ ମଧ୍ୟ ମଳିନ ପଡ଼ିଛି।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

> “ ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ ! ମୁଁ କ'ଣ କରିପାରିବି ? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ସହ-ପ୍ରତିରଦ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦେଶଦ୍ରୋହ ଅପରାଧ

**॥ ଯୁଧିଷ୍ଠିର ମହାରଣା ॥**

ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୧୨୪ (କ) ଯାହା ଦେଶଦ୍ରୋହର ସଂଜ୍ଞା ଓ ଏହାକୁ ଉଲଘଂନ କରୁଥିବା ବ୍ୟକ୍ତି, ନାଗରିକଙ୍କ ପାଇଁ ଦଣ୍ଡବିଧାନ କରିଥାଏ ତାହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହେବାସହ ଏହାକୁ ନେଇ ରାଜନୈତିକ ଘମାସାନ ଦୃଶ୍ୟ ଜାତୀୟ ଗଣମାଧ୍ୟର ପ୍ରମୁଖ ଖବର ସ୍ଥାନ ପାଇଛି। ନିକଟରେ ଆଇନ କମିଶନ ଏକ ମନ୍ତବ୍ୟକୁ ନେଇ ଏହି ଚର୍ଚ୍ଚା, ଚର୍ଚ୍ଚିତ କ୍ଷେତ୍ର ପାଇଁ ରାସ୍ତା ତିଆରି କରିଛି। ସରକାରଙ୍କ ସହ ଏକମତ ହୋଇ ଗୋଟିଏ ଧାରାରେ କହିବା ଦେଶାତ୍ମବୋଧ ନୁହେଁ ଦେଶ ମାତୃକାର ପ୍ରତି ସ୍ନେହ, ଶ୍ରଦ୍ଧା, ଆତ୍ମବିଶ୍ୱାସ, ଜ୍ଞାପନ କରିବା ପାଇଁ ଲୋକମାନଙ୍କ ପାଖରେ ସ୍ୱାଧୀନତାର ଆବଶ୍ୟକତା ରହିଛି ନିଶ୍ଚୟ କିନ୍ତୁ ବେଆଇନ ଓ ହିଂସାଦ୍ୱାରା ଯଦି କିଏ ସାଧାରଣ ଜନଜୀବନକୁ ଅଶ୍ୱସ୍ତି କରିବା ସହ ପ୍ରଶାସନକୁ ନାକେଦମ କରିବା ଓ ସରକାରଙ୍କୁ ଫୋପାଡ଼ିବାକୁ ଚାହୁଁଛି ଏ କ୍ଷେତ୍ରରେ ଦେଶଦ୍ରୋହ ମାମଲା ଦାଏର ହେବା ଅତ୍ୟନ୍ତ ଜରୁରୀ। ଏହି ଭଳି ମତପୋଷଣ ସହ ଧାରା ୧୨୪(କ)ର ସଂଶୋଧନ ପାଇଁ ମତ ସୃଷ୍ଟି ହେବା ଦରକାର ବୋଲି ଆଇନ କମିଶନ କହିଛନ୍ତି। ଏ କ୍ଷେତ୍ରରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଦେଶଦ୍ରୋହ ଆଇନ ରହିବା ଉଚିତ ନା ତାହାକୁ ଉଠାଇ ଦିଆଯିବା ଦରକାର। କାରଣ ଏହାର ଅସଲ ମଞ୍ଜି ରହିଛି ସ୍ୱାଧୀନତା ସଂଗ୍ରାମ ବେଳର କଥାକୁ ନେଇ। ସ୍ୱାଧୀନତା ସଂଗ୍ରାମକୁ ରୋକ ଲଗାଇବା ପାଇଁ ବ୍ରିଟିଶ ସରକାର ଯେଉଁ ଦେଶଦ୍ରୋହ ଆଇନ ଆଣିଥିଲେ ତାହା ଦଶ ବର୍ଷ ପୂର୍ବରୁ ଇଂଲଣ୍ଡରୁ ହଟାଇ ଦିଆଯାଇଛି। ୧୯୬୮ରେ ଭାରତର ନ୍ୟାୟ କମିଶନ ଏହି ଆଇନକୁ ଉଚ୍ଛେଦ କରିବାର ଧାରାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ୧୯୭୧ର ଏହି ଧାରାକୁ ଆହୁରି କଠୋର କରାଯାଇଥିଲା। ଆସନ୍ତୁ ପ୍ରଥମ ପ୍ରସଙ୍ଗକୁ ନେଇ ଚର୍ଚ୍ଚା କରିବା। ଭାରତର ସ୍ୱତନ୍ତ୍ରତା, ଅଖଣ୍ଡତା, ତଥା ସାର୍ବଭୌମତ୍ୱ ରକ୍ଷା ପାଇଁ ଆଇପିସି ୧୨୪(ଏ) ଧାରାକୁ ବିଧିବଦ୍ଧ ଭାବେ ଆଇନ ବ୍ୟବସ୍ଥା ଭିତରେ ମଜଭୁତ୍ କରାଯିବା ଦରକାର। ଏହି ଆଇନକୁ ମୌଳିକ ଅଧିକାର ସହ ତୁଳନା କରିବା ଅନୁଚିତ। କାରଣ ଯେକୌଣସି ବ୍ୟକ୍ତି ହେଉନା କାହିଁକି ବ୍ୟକ୍ତିର ଅଧିକାର କେବେ ବି ସେ ଦେଶଠାରୁ ବଡ଼ ନୁହେଁ। ବର୍ତ୍ତମାନ ଜାମ୍ମୁ-କାଶ୍ମୀର ଠାରୁ ମହାରାଷ୍ଟ୍ର, ଗୁଜୁରାଟ ଠାରୁ ଛତିଶଗଡ଼ ତଥା ଦେଶର ଅନ୍ୟ ରାଜ୍ୟରେ ନକ୍ସଲମାନେ ଯେଉଁ ପ୍ରକାର ଅସାମ୍ବିଧାନିକ ଭାବରେ ଜନଜୀବନଙ୍କ କ୍ଷତି କରିବା ସହ ସରକାରଙ୍କ ଜନସାଧାରଣଙ୍କ ନିମିତ୍ତ ପ୍ରକଳ୍ପର ଘୋର ବିରୋଧ କରୁଛନ୍ତି। ହିଂସା ଦ୍ୱାରା ସ୍ଥାନୀୟ ଅଞ୍ଚଳରୁ କୋଟି କୋଟି ଟଙ୍କାର ବଟି ଆଦାୟ କରି ଏହି ଅର୍ଥ ବିଚ୍ଛିନ୍ନତାବାଦୀ, ଦେଶବିରୋଧି ଚରିତ୍ର ଓ ନକ୍ସଲମାନଙ୍କ ପାଇଁ ଖର୍ଚ୍ଚ କରାଯାଉଛି। ବର୍ତ୍ତମାନ କେନ୍ଦ୍ର ସରକାର ଓ ବିଭିନ୍ନ ରାଜ୍ୟର ରାଜ୍ୟ ସରକାରଙ୍କ ଅନେକ ଜନସ୍ୱାର୍ଥ ସମ୍ବଳିତ ପ୍ରକଳ୍ପ ବାଧାପ୍ରାପ୍ତ ହେବା ସହ କେତେକ ସ୍ଥାନରେ ବିଳମ୍ବିତ ହେଉଛି। ଆଇନଗତ ଭାବେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ସରକାରଙ୍କୁ ଅମାନ୍ୟ କରି ସରକାରୀ ବିରୋଧୀ ମୋର୍ଚ୍ଚା ଗଠନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଅଗ୍ରହଣୀୟ। ଏହାକୁ ମୌଳିକ ଅଧିକାର ବା ବାକ୍ ସ୍ୱାଧୀନତା କୁହାଯାଇପାରିବ କି ? ଗୋଟିଏ ଛୋଟିଆ ଉଦାହରଣ ଦିଆଯାଇପାରେ ଜଣକୁ କହିବାର ସ୍ୱାଧୀନତା ସମ୍ବିଧାନ ଦେଇଛି ବୋଲି ଜଣେ କୋର୍ଟ ରୁମ୍‌ରେ ଜଜ୍‌ଙ୍କୁ ଦୁର୍ବବ୍ୟହାର କରିପାରିବ କି ? ଲୋକପ୍ରତିନିଧି ହୁଅନ୍ତୁ ବା ସରକାରଙ୍କ ଉଚ୍ଚପଦ ପଦବୀର ପ୍ରଶାସନ। ଏହି ସ୍ୱାଧୀନତା ନାମରେ ସେମାନଙ୍କୁ ବିରୋଧ କରିବା, ଅଶାଳୀନ ମନ୍ତବ୍ୟ ଦେବା ଓ ହିଂସାକାଣ୍ଡ ଘଟାଇବା କେତେଦୂର ପ୍ରାସଙ୍ଗିକ ?

ଅନେକ ହୁଏତ ଜାଣିନଥିବେ ସମଗ୍ର ବିଶ୍ୱରେ ଏପରି କୌଣସି ଗଣତାନ୍ତ୍ରିକ ଦେଶ ନାହିଁ ଯାହା ଆମ ଭାରତ ଭଳି ତାହାର ନାଗରିକଙ୍କୁ ପର୍ଯ୍ୟାପ୍ତ ସ୍ୱାଧୀନତା ପ୍ରଦାନ କରିଛି। ଏହି ରାଷ୍ଟ୍ରରେ ପ୍ରତିଟି ନାଗରିକଙ୍କୁ ମୁକ୍ତ ଓ ସ୍ୱାଧୀନ ଭାବରେ ମତ ପ୍ରଦାନ କରିବାର ଅଧିକାର ରହିଛି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଆଜି ନିଜ ଆଭ୍ୟନ୍ତରୀଣ ଦେଶଦ୍ରୋହୀ ମାନଙ୍କ ବିଭିନ୍ନ ହିଂସାକାଣ୍ଡର ଶିକାର ହୋଇ ଜାତୀୟ ପ୍ରଗତି ବାଧାପ୍ରାପ୍ତ ହେବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଉଛି। ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଉଥିବା ସଂଗ୍ରାମୀ ମାନଙ୍କୁ ଦଣ୍ଡ ଦେବା ନିମିତ୍ତ ତତ୍କାଳୀନ ଇଂରେଜ ସରକାର ୧୮୬୧ରୁ ଭାରତୀୟ ପିଙ୍ଗଳକୋର୍ଡରେ ଏହି ବ୍ୟବସ୍ଥା କରିଥିଲେ। ଏହି ଆଇନ ଦ୍ୱାରା ଜାତିର ଜନକ ମହାତ୍ମାଗାନ୍ଧୀ, ଲୌହମାନବ ସର୍ଦ୍ଦାର ପଟେଲଙ୍କ ଭଳି ଶହ ଶହ ନେତା କାରାରୁଦ୍ଧ ହୋଇଥିଲେ। ନିକଟରେ ମହାରାଷ୍ଟ୍ରର ଭୀମାକୋରେ ଗାଁଓ ହିଂସାକାଣ୍ଡ ଓ ମାଓବାଦୀଙ୍କ ସହ ସମ୍ପର୍କ ନେଇ ପାଞ୍ଚଜଣ ସାମାଜିକ କର୍ମୀ ଓ ଆଇନଜୀବୀଙ୍କ ବିରୁଦ୍ଧରେ ମହାରାଷ୍ଟ୍ରର ପୁନେ ପୁଲିସ ଅଭିଯୋଗ କରି ଗିରଫଦାର କରିବା ପରେ ମାନ୍ୟବର ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଗିରଫ ନକରି ଗୃହବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିପ୍ରିୟ ଓ ଗଣତନ୍ତ୍ର ତଥା ଅହିଂସାର ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ ପରିଚିତ ଆମ ଭାରତ ଆଜି ଅନେକ ସମସ୍ୟାକୁ ସାମ୍ନା କରୁଛି। ଜାମ୍ମୁ-କାଶ୍ମୀରକୁ ଅଶାନ୍ତ କରିବା ପାଇଁ ପଡ଼ୋଶୀ ପାକିସ୍ଥାନ ନିୟମିତ ଭାବରେ ଆତଙ୍କବାଦୀ ମାନଙ୍କୁ ଓ ଜାମ୍ମୁ-କାଶ୍ମୀରର କିଛି ଅସାମାଜିକ ତତ୍ତ୍ୱ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭୟଙ୍କର ହିଂସାକାଣ୍ଡ ସଂଗଠିତ କରୁଛନ୍ତି। ଜାମ୍ମୁ-କାଶ୍ମୀରର ନିର୍ବାଚିତ ସରକାର ପଦଚ୍ୟୁତ ହୋଇ ସେଠାରେ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ବାଧ ହେଲେ। ଭାରତର ବିଭିନ୍ନ ସ୍ଥାନରେ ଅସାମାଜିକ ତତ୍ତ୍ୱମାନେ ବ୍ୟକ୍ତି ସ୍ୱାଧୀନତାର ବାହାନାରେ ଜାତୀୟ ସଂଗୀତ ଜନଗଣମନ ଗାଇଲାବେଳେ ଛିଡ଼ା ହଉନାହାନ୍ତି ତ କେତେକ ସ୍ଥାନରେ ବନ୍ଦେ ମାତରମ୍ କହିବାକୁ ଇଚ୍ଛୁକ ହେଉନାହାଁନ୍ତି। ଜାତୀୟ ପତାକା ପୋଡ଼ି ପାକିସ୍ଥାନ ଓ ଆଇଏସଆଇ ଭଳି ବିଶ୍ୱର ଭୟଙ୍କର ଆତଙ୍କବାଦୀ ସଂଗଠନର ପତାକାକୁ ଜାମ୍ମୁ-କାଶ୍ମୀରରେ ପ୍ରଦର୍ଶନ କରାଯାଉଛି। ଦେଶଦ୍ରୋହ ଅପରାଧ ରହିବା ଆବଶ୍ୟକ ଯଦି ଆଇନବିତ୍‌ମାନେ ସମ୍ପୃକ୍ତ ଧାରା ୧୨୪(କ)ର ବିକଳ୍ପ ଆଇନ ତିଆରି ହୋଇଛି ବୋଲି ଅନୁଭବ କରୁଛନ୍ତି। ସେମାନେ ବିଧିବଦ୍ଧ ଭାବେ ଏହି ପ୍ରସ୍ତାବ କେନ୍ଦ୍ରର ଆଇନ କମିଶନକୁ ଦେଇପାରିବେ। ଯାହାଦ୍ୱାରା ସମଗ୍ର ଦେଶରେ ଏହି ପ୍ରସଙ୍ଗକୁ ନେଇ ଆରମ୍ଭ ହୋଇଥିବା ଚର୍ଚ୍ଚା ସଠିକ୍ ଭାବରେ ହୋଇପାରିବ।

ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୧୬୩୫୨୮

# ଶ୍ରୀମନ୍ଦିରରେ ପୂଷ୍ୟାଭିଷେକ

**॥ ଗୋପୀନାଥ ଦାଶ ॥**

ପୌଷ ମାସ ପୂର୍ଣ୍ଣିମାରେ ବ୍ରତ ଉପବାସ କରିବାର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନରେ ସ୍ନାନ ଏବଂ ଦାନର ଫଳ ଶ୍ରେଷ୍ଠ ହୋଇଥାଏ। ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମାରେ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଉପବାସ ରଖି ସୁଖ, ସମ୍ପତ୍ତି ପ୍ରାପ୍ତି ହୋଇଥାଏ। ଏହି ଦିନ ସତ୍ୟନାରାୟଣ ବ୍ରତ ରଖିବା ସହ ବିଧିବିଧାନ ସହିତ ପୂଜା କଲେ ବିଶେଷ ଫଳ ମିଳିଥାଏ। ଏହି ଦିନ ପ୍ରାତଃ ସ୍ନାନାଦି କାର୍ଯ୍ୟ ସାରି ଭଗବାନ ମଧୁସୂଦନଙ୍କ ପୂଜା କରି ନୈବେଦ୍ୟ ଅର୍ପଣ କରିବା ଆବଶ୍ୟକ। ପରେ ଗରିବଙ୍କୁ ଭୋଜନ କରାଇଲେ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ। ଧର୍ମ ଶାସ୍ତ୍ର ଅନୁଯାୟୀ ପୌଷ ପୂର୍ଣ୍ଣିମା ଦିନ ପବିତ୍ର ନଦୀରେ ସ୍ନାନ କରିବାର ପରମ୍ପରା ମଧ ରହିଛି। ସେଥିପାଇଁ ସମସ୍ତ ତୀର୍ଥ ସ୍ନାନରେ ଥିବା ନଦୀଗୁଡ଼ିକରେ ଏହି ଦିନ ପୂଣ୍ୟ କାମନା କରି ଶ୍ରଦ୍ଧାଳୁମାନେ ସ୍ନାନ ଏବଂ ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ। ଏହି ଅବସରରେ କରାଯାଇଥିବା ଦାନ ଅମୋଘ ଫଳ ଦେଇଥାଏ। ପୌଷ ପୂର୍ଣ୍ଣିମା ଦିନ ପବିତ୍ର ତୀର୍ଥ ସ୍ଥଳୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ କରିବାର ମଧ ବିଧି ରହିଛି। କୌଣସି ତୀର୍ଥସ୍ଥାନ କିମ୍ବା ନଦୀକୁ ଯାଇନପାରିଲେ ଏହି ଦିନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କଲେ ମଧ ପିତୃପୁରୁଷମାନେ ଶାନ୍ତି ପ୍ରାପ୍ତି କରିଥାନ୍ତି। ଏହି ପବିତ୍ର ତିଥିରେ ଭଗବାନ ଜଗନ୍ନାଥଙ୍କର ପୁଷ୍ୟାଭିଷେକ କରାଯାଇଥାଏ। ତେଣୁ ଏହାକୁ ଦେବାଭିଷେକ ପୂର୍ଣ୍ଣିମା ମଧ କୁହାଯାଇଥାଏ। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ ଏହି ଦିନରେ ମହୋଦଧୀ ଆଳତୀ କରିଥାନ୍ତି। ଏହି ଦିନରେ ଭଗବାନ ମଧୁସୂଦନଙ୍କ ପୂଜା ସମସ୍ତ ବୈଭବ ଏବଂ ଦିବ୍ୟଲୋକ ପ୍ରଦାନ କରିଥାଏ। ମାଘ ମାସ ସ୍ନାନର ପ୍ରାରମ୍ଭ ମଧ ଏହି ପୂର୍ଣ୍ଣିମାରୁ ହୋଇଥାଏ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ପୌଷ ପୂର୍ଣ୍ଣିମା ଦିନ ରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ରାଜ୍ୟଭାର ଗ୍ରହଣ କରିଥିଲେ। ଏହାପୂର୍ବରୁ ତାଙ୍କର ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ମୃତି ରୂପେ ଗ୍ରହଣ କରି ପ୍ରତିବର୍ଷ ଏହି ଦିନ ଦେବମନ୍ଦିରଗୁଡ଼ିକରେ ଠାକୁରମାନଙ୍କର ପୂଷ୍ୟାଭିଷେକ ଅନୁଷ୍ଠିତ ହୋଇଥାଏ। ଏହିଦିନ ପୁରୀ ବଡ଼ ଦେଉଳରେ ଶ୍ରୀଜୀଉମାନଙ୍କର ପୂଷ୍ୟଭିଷେକ ହୁଏ। ଶାସ୍ତ୍ରରେ ଏ ଉତ୍ସବ ନେଇ ଉଲ୍ଲେଖ ଅଛି ପୌଷ ମାସି ସିତେ ପକ୍ଷେ ପୌର୍ଣ୍ଣମାୟାଂ ରୁକ୍ମିଣୀ ପତେଃ। ଭୂଷ୍ୟାଭିଷେକଂ କୁର୍ବାତ୍ ସର୍ବକାମାର୍ଥ ସିଦ୍ଧୟେ। ଏହି ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ ଓ ଗନ୍ଧ ପୁଷ୍ପ ଆଦି ଦ୍ୱାରା ଠାକୁରଙ୍କୁ ବେଶ କରାଯାଇ ଯାତ୍ରା ମଣ୍ଡପକୁ ନିଆଯାଏ। ସେଠାରେ ବରୁଣପୂଜା, ସ୍ଥିତି ବାଚନ, ମଙ୍ଗଳାରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରତି ଇତ୍ୟାଦି ବିଧିରେ ବିଜେ ପ୍ରତିମା ସହ ଖଡ୍‌ଗ ପୂଜା ପରେ ଉକ୍ତ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ରାଜାଙ୍କ ଅଭିଷେକ ରୂପେ ପାଳିତ ହୁଏ। ଏହି ଅଭିଷେକୋତ୍ସବ ଦର୍ଶନରେ ଦର୍ଶନାର୍ଥୀ ପାପମୁକ୍ତ ହୋଇ ବୈକୁଣ୍ଠପୁରୀ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ରତ୍ନସିଂହାସନରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ : ୮୮୯୫୨୯୬୧୬୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ରଙ୍ଗିଆଗଡ଼ରେ ଜୟ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ପାରାଦୀପ, (ମହାଭାରତ) : ପାରାଦୀପ ଉପକଣ୍ଠ ସ୍ଥିତ ରଙ୍ଗିଆଗଡ ଗ୍ରାମରେ ଜୟ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚଳିତ ଫେବୃଆରୀ ମାସ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ମହା ସମାରୋହରେ ଅନୁଷ୍ଠିତ ହେଉଅଛି । ମଙ୍ଗଳବାର ପାଞ୍ଚଶହ ମହିଳା ପାରାଦୀପ ବାଲିଯାତ୍ରା ପଡିଆ ନିକଟସ୍ଥ ସମୁଦ୍ରରୁ କଳସୀ ପାଣି ଉଠାଇ ରଙ୍ଗିଆଗଡ଼ ଅଭିମୁଖେ ଯାତ୍ରା କରିଥିଲେ । କୀର୍ତ୍ତନ ହୁଳହୁଳିରେ କମ୍ପିଥିଲା ପରିବେଶ । ପରେ ସୂର୍ଯ୍ୟ ପୂଜା, ସାଳା ସଂସ୍କାର, ସର୍ବ ଦେବାଦେବୀ ପୂଜା, ଅଗ୍ନି ସ୍ଥାପନ, ବିଗ୍ରହ ଅଧିବାସ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଗ୍ରାମର ମୁରବୀ ନିତ୍ୟାନନ୍ଦ ସ୍ୱାଇଁ, ନିର୍ମଳ କୁମାର ସ୍ୱାଇଁ, ଯୁଗଳ କିଶୋର ପ୍ରଧାନ, ନିର ମହାପାତ୍ର, କ୍ଷୀରୋଦ ଚୌଧୁରୀ, ରବିନ୍ଦ୍ର ବାରିକ, ସୁବୋଧ ମହାପାତ୍ର, ସଲିଳ ପ୍ରଧାନ, କ୍ଷୀରୋଦ ମହାପାତ୍ର, ବିଭୁତି ପ୍ରଧାନ, ଶ୍ରୀକାନ୍ତ ନାୟକ, ଗିରିଧାରୀ ପ୍ରଧାନ, ସୁରେନ୍ଦ୍ର ସ୍ୱାଇଁ, ଯୁଧିଷ୍ଠିର ବେହେରା, ପ୍ରକାଶ ମହାପାତ୍ର, ସୁଶାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରୁଛନ୍ତି ।

## ଜାତୀୟ ରାଜପଥରେ ଭୟଙ୍କର ଖାଲ୍ : ଟ୍ରାଫିକ୍ ଜାମ୍ ସମସ୍ୟା



ମାଲକାନଗିରି,(ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଏମଭି-୭୯ ମୁଖ୍ୟ ଛକରେ ଜାତୀୟ ରାଜପଥର ମଝିରେ ସୃଷ୍ଟି ହୋଇଥିବା ଭୟଙ୍କର ଖାଲ୍ ଯୋଗୁଁ ଦିନକୁ ଦିନ ଯାତ୍ରୀମାନେ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଜାର ଅଞ୍ଚଳ ମଧ୍ୟଭାଗରେ ଥିବା ଏହି ଖାଲ୍‌ଟି ଏବେ ବଡ଼ ଗାତର ରୂପ ନେଇଥିବାରୁ ଯାନଚଳାଚଳ ବିପଦଜନକ ହୋଇପଡ଼ିଛି। ଏହି ରାଜପଥ ଦ୍ୱାରା ପ୍ରତିଦିନ ଆନ୍ଧ୍ରପ୍ରଦେଶ ସହ ଦକ୍ଷିଣ ଭାରତର ବିଭିନ୍ନ ପ୍ରମୁଖ ସହରକୁ ଭାରି ଯାନ ଚଳାଚଳ କରୁଥାଏ। କିନ୍ତୁ ଏମଭି-୭୯ ଛକର ଠିକ୍ ମଝିରେ ରାସ୍ତା ଧସିଯିବାରୁ ଗାଡ଼ିଗୁଡ଼ିକୁ ବାଧହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ସାଇଡ୍ ହୋଇ ଯିବାକୁ ପଡୁଛି। ଫଳସ୍ୱରୂପ ଏଠାରେ ପ୍ରାୟ ସମୟରେ ଲମ୍ବା ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ସୂଚନା ଅନୁସାରେ, ଖାଲ୍‌ଟି ତଳେ ପାନୀୟ ଜଳ ପାଇପ୍ ଲାଇନ୍ ଯାଇଥିବାରୁ ପୂର୍ବରୁ ଏହାର ମରାମତି କରାଯାଇଥିଲା। କିନ୍ତୁ ପାଇପ୍ ଫାଟିବା ଓ ବାରମ୍ବାର ପାଣି ଜମି ରହିବା ଫଳରେ ପୁନଃ ରାସ୍ତା ଧସିଯାଇ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଆଗରୁ ମଧ ଅସ୍ଥାୟୀ ଭାବେ ମରାମତି କରିଥିଲେ, କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇପାରିନାହିଁ। ଏବେ ଜିଲ୍ଲାରେ ରାଜପଥ ମରାମତି କାମ ଚାଲୁଥିବା ବେଳେ ଏମଭି-୭୯ ମୁଖ୍ୟ ଛକର ଏହି ସମସ୍ୟାକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସ୍ଥାନେ ସ୍ଥାନେ ସୃଷ୍ଟି ହୋଇଥିବା ଖାଲଗୁଡ଼ିକୁ ସ୍ଥାୟୀ ଭାବରେ ମରାମତି କରିବା ପାଇଁ ମଧ ଅନୁରୋଧ ହୋଇଛି। ଅନ୍ୟପଟେ, ଦୁର୍ଘଟଣା ଏଡ଼ାଇବା ପାଇଁ ପୋଲିସ ବିଭାଗ ପକ୍ଷରୁ ଖାଲ୍ ମଝିରେ ଦୁଇଟି ଲାଇଟ୍ ବ୍ୟାରିକେଡ୍ ରଖାଯାଇଛି। କିନ୍ତୁ ଛକର ମଝିଭାଗରେ ବ୍ୟାରିକେଡ୍ ରହିଥିବାରୁ ଯାନଚଳାଚଳ ଆହୁରି ବାଧାପ୍ରାପ୍ତ ହେଉଛି। ବର୍ଷା ବା ପାଇପ୍ ଲିକେଜ୍ ଫଳରେ ଜମିଥିବା ପାଣି ଅନ୍ୟ ଯାତ୍ରୀଙ୍କ ଉପରେ ଛିଟି ପଡ଼ି ଅସୁବିଧା ସୃଷ୍ଟି କରୁଛି। ଉଲ୍ଲେଖନୀୟ ଯେ, ନିକଟରେ ଜିଲ୍ଲାର ଅନ୍ୟତ୍ର ଜାତୀୟ ରାଜପଥର ଖାଲଖମା ଯୋଗୁଁ ଘଟିଥିବା ମର୍ମାନ୍ତିକ ସଡ଼କ ଦୁର୍ଘଟଣା ପରେ ଜିଲ୍ଲା ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିଥିଲା। ତଥାପି ଏମଭି-୭୯ ଛକର ସମସ୍ୟା ଅବହେଳିତ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସତ୍ୱର ସ୍ଥାୟୀ ମରାମତି କରି ଯାତ୍ରୀ ସୁରକ୍ଷା ନିଶ୍ଚିତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟବସାୟୀ ମହଲ ଦାବି କରିଛନ୍ତି।

## ରାଧା କୃଷ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ

ଦେବଗଡ଼, (ମହାଭାରତ) : ବୁଧବାର ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ କପାସିରା ଗ୍ରାମରେ ରାଧାକୃଷ୍ଣ କ୍ଲବ ପକ୍ଷରୁ ରାଧାକୃଷ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ- ୨୦୨୬ ମହାସମାରୋହରେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ବିଜେପି ସଭାପତି ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ଅରୁଣ ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ଏହା ସମସ୍ତଙ୍କୁ ଶୃଙ୍ଖଳା ଶିଖାଏ ବୋଲି ଶ୍ରୀ ସାହୁ ତାଙ୍କ ଅଭିଭାଷଣରେ କହିଥିଲେ । ତେଣୁ ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ହେବା ଜରୁରୀ। ମୋଦୀ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଉଦଘାଟନୀ ମ୍ୟାଚ ଟାଇଁସର ଏକାଦଶ ଓ ଟେଷ୍ଟେଲବାହାଲ ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଟାଇଁସର ବିଜୟୀ ହୋଇଛି।

## ବାଲି ମାଫିଆଙ୍କ ଉତ୍ପାତ: ଗ୍ରାମବାସୀଙ୍କ ଆନ୍ଦୋଳନ

କାକଟପୁର, (ମହାଭାରତ) : ଦିନକୁ ଦିନ ନଦୀ ଅଞ୍ଚଳରେ ବାଲି ମାଫିଆଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ନଦୀ ଖୋଳି ଟ୍ରିପ ଟ୍ରିପ ବାଲି ବୁହାଯାଉଛି। ମାଇନିଂ ବିଭାଗ ପାଖରେ ଖବର ରହିଲେ ବି ନିଆ ଯାଉନାହିଁ ଆକ୍ସନ, ହନ୍ତସନ୍ତ ହେଉଛନ୍ତି ନଦୀ କୂଳିଆ ଲୋକ। କିଛି ଜଙ୍ଗଲ ସହିତ ଲୋକଙ୍କ ନଦୀ ପଟା ଧୀରେ ଧୀରେ ଧ୍ୱଂସ ହେବାକୁ ଯାଉଛି। ମୁହଁ ଖୋଲିଲେ ସିଧା କଥା ଉଠୁଛି ବନ୍ଧୁକ ଆଉ ଅସ୍ତ୍ର ଶସ୍ତ୍ର ର, ବାହାରୁ ଆସି ଅନ୍ୟ ଅଞ୍ଚଳ ରେ କରୁଛନ୍ତି ରାଜୁତି, ସାଙ୍ଗରେ ଆଣୁଛନ୍ତି ବାଉଁଶର ବୟ, ସାଧାରଣ ଲୋକଙ୍କ ଭିତରେ ଭୟ ସୃଷ୍ଟି କରି ହରି ଲୁଟ କରୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ବାଲି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତାଳଦା, କାକଟପୁର ବ୍ଲକ ଲତାହାରଣ, ଭଣ୍ଡିସାହି, ଜଗତସିଂହପୁର ଜିଲ୍ଲା ର ବାଲିକୁଳ, ମୁତୁଣିଆ ଗ୍ରାମ ଦେଇ ଦେବୀ ନଦୀ ପ୍ରବାହିତ ହେଉଛି। ଏହି ପ୍ରତିବାଦ ରେ ଦୁଇ ଜିଲ୍ଲା ରେ ଚାରିଗୋଟି ପଞ୍ଚାୟତ ର ଲୋକ ଓହ୍ଲାଇଛନ୍ତି ଆନ୍ଦୋଳନକୁ। ମୁଖ୍ୟତଃ ଲୋକ ଙ୍କ ଅଭିଯୋଗ ୨୦୧୮ ମସିହା ଲତାହରଣ ଗ୍ରାମରେ ବାଲିଉତୋଳନ ପାଇଁ ଆୟୋଜିତ ଗ୍ରାମ ସଭାରେ ଆଞ୍ଚଳିକ ଗ୍ରାମବାସୀଙ୍କ ବିନା ଉପସ୍ଥିତରେ ବାଲି ଉଠାଣ ପ୍ରକ୍ରିୟାକୁ ଖାରଜ କରାଯାଇଥିଲା ମାତ୍ର ଏହାକୁ ପ୍ରଶାସନ ସ୍ତରରେ କିପରି କାର୍ଯ୍ୟକ୍ଷମ କରାଯାଇଛି ତାହା ଏକ ସନ୍ଦେହ ଜନକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁନଶ୍ଚ ବାଲି ଉଠାଣ ହେଲେ ନଦୀ ପଥ ପରିବର୍ତ୍ତନ ହେବ ଯାହା ଫଳରେ ବନ୍ୟା ରେ ଅନେକ ଲୋକ ସମ୍ପତି ନଦୀ ରେ ସଂଲଗ୍ନ ହୋଇଯିବ। ଗ୍ରୀଷ୍ମ ଋତୁରେ ନଦୀରେ ପାଣି ଲୁଣିଆ ହୋଇଯାଏ। ଏହି ବାଲି କାର୍ଯ୍ୟ ପାଇଁ ଅନୁପଯୁକ୍ତ କିନ୍ତୁ କିପରି ଏହାକୁ ପରିବେଶ ମଞ୍ଜୁର ଦିଆଗଲା ତାହା ତଦନ୍ତ ପରିସରକୁ ଆଣିବାକୁ ସାଧାରଣରେ ଦାବୀ କରାଯାଇଛି। ଗ୍ରାମାଞ୍ଚଳରେ ସହ ସହ ଟ୍ରାକ୍ଟର ବାଲି ବୁହାଇ ରାସ୍ତା ସମ୍ପୂର୍ଣ୍ଣ ଖରାପ କରୁଛନ୍ତି। ସାଧାରଣରେ ଜନଜୀବନ ହନ୍ତସନ୍ତ ହେଉଛି। ଯାହାକୁ ନେଇ ଆଜି ପଞ୍ଚାୟତ ସମୂହ ଆନ୍ଦୋଳନକୁ ଓହ୍ଲାଇବା ସହ ଦୁଇ ନିର୍ବାଚନମଣ୍ଡଳୀ ରେ ଲୋକସଭା ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ଙ୍କୁ ଅଭିଯୋଗ ଶୁଣାଇଛନ୍ତି। ସାଂସଦ, ସାଂସଦ ଙ୍କ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, କାକଟପୁର ପ୍ରତିନିଧି କୈଳାସ ନାୟକ, ତାଳଦା ସରପଞ୍ଚ ଦୀପକ ପରିଡା ଉପସ୍ଥିତ ରହି ନିଜେ ପଦଯାତ୍ରା କରି ବାଲିଘାଟ ପରିଦର୍ଶନ କରିଥିଲେ ଓ ଖୁବ ଶୀଘ୍ର ଏହି ସମସ୍ୟା ର ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ। ଆଗାମୀ ଦିନ ରେ ଲୋକ ଙ୍କ ଦାବୀ ପୂରଣ ନହେଲେ ରାଜରାସ୍ତା କୁ ଓହ୍ଲାଇବା ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ବିଶ୍ୱ କୁନ୍ ଖେମର୍ ଚାମ୍ପିୟନସିପ, କାମ୍ବୋଡିଆରେ ପ୍ରତିନିଧିତ୍ୱ କଲେ ଦୁଇ ଓଡ଼ିଆ




ଭୁବନେଶ୍ୱର/ପାରାଦୀପ, (ମହାଭାରତ) : କାମ୍ବୋଡିଆରେ ଜାତୀୟ ଅଲିମ୍ପିକ କମିଟି ଦ୍ୱାରା ମାନ୍ୟତା ପ୍ରାପ୍ତ ଆନ୍ତର୍ଜାତୀୟ କୁନ୍ ଖେମର୍ ଫେଡେରେସନ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ୬ଷ୍ଠ କୁନ୍ ଖେମର୍ ବିଶ୍ୱ ଚମ୍ପିୟନସିପରେ ଭାରତ ର କ୍ରୀଡ଼ାବିତ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ହିମାଂଶୁ ଭୂଷଣ ଦାସ ଆନ୍ତର୍ଜାତୀୟ ରେଫେରୀ ଭାବେ ଭାରତ ପାଇଁ ଗର୍ବ ଆଣିଦେଇଥିବା ବେଳେ ଓ୍ୱେଙ୍କଟାଚଲମ୍ ମହାଲିଙ୍ଗମ୍ ଭାରତର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟଭାର ନିର୍ବାହ କରିଥିଲେ ଏବଂ ଓଡ଼ିଶା ତଥା ପାରାଦୀପ ଅଞ୍ଚଳର ଆଦିତ୍ୟ ଗୌରବ ତ୍ରିପାଠୀ ସହାୟକ ପ୍ରଶିକ୍ଷକ ଭାବେ ଚମ୍ପିୟନସିପରେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ସାମୁହିକ ଉପସ୍ଥିତି ବିଶ୍ୱ କୁନ୍ ଖେମର୍ ମାର୍ଶାଲ୍ ଆର୍ଟ୍ସ ମଞ୍ଚରେ ଭାରତର ବୃଦ୍ଧିଶୀଳ ସଂପୃକ୍ତି ଓ ପରିଚିତକୁ ପ୍ରକାଶ କରିଥିଲା। ଦେଶ ପାଇଁ ଅଧିକ ଗର୍ବର ବିଷୟ ହେଲା, ଦୁଇ ଭାରତୀୟ କ୍ରୀଡ଼ାବିତ ରିଶାନ୍ୱଖେମ୍ ପି. ଲିପୋନ୍ ଓ ଡାମାଙ୍ଗପୁରା ଏଲ୍. ମାଉଲୋଙ୍ଗ ଉତ୍କୃଷ୍ଟ ପ୍ରଦର୍ଶନ କରି ପ୍ରତ୍ୟେକେ ଗୋଟିଏ କରି ବ୍ରୋଞ୍ଜ ପଦକ ଜିତିଥିଲେ। ତାଙ୍କର ଏହି ସଫଳତା ଆନ୍ତର୍ଜାତୀୟ ମଞ୍ଚରେ ଭାରତୀୟ ଯୋଧାମାନଙ୍କର ଉନ୍ନତ ମାନକୁ ପ୍ରଦର୍ଶିତ କରିଥିଲା। ଏହି ଚମ୍ପିୟନସିପରେ ବିଶ୍ୱର ବିଭିନ୍ନ ଦେଶର ଶ୍ରେଷ୍ଠ କ୍ରୀଡ଼ାବିତ, ପ୍ରଶିକ୍ଷକ ଓ ପ୍ରାଯୋଗିକ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାମ୍ବୋଡିଆର ପ୍ରେଆହ୍ ସିହାନୁକ୍ ପ୍ରାନ୍ତରେ ଆୟୋଜିତ ଏହି ବିଶ୍ୱ ପ୍ରତିଯୋଗିତାରେ ଅଧିକ ସଂଖ୍ୟକ ଖେଳାଳି ଅଂଶଗ୍ରହଣ କରିବାକୁ ଯୋଜନା ଥିବା ବେଳେ ଥାଇଲାଣ୍ଡ ଓ କାମ୍ବୋଡିଆ ସୀମା ବିବାଦ ଯୁଦ୍ଧ ଯୋଗୁ ୨୦୨୫ ଶେଷଭାଗରେ ଆୟୋଜନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପରେ ୨୦୨୬ ଆରମ୍ଭରେ ପୁନଃନିର୍ଦ୍ଧାରିତ ହୋଇଥିଲା। ଚଳିତ ବର୍ଷ ୬ଷ୍ଠ ଚମ୍ପିୟନସିପରେ କାମ୍ବୋଡିଆ, ଭାରତ, ଯୁକ୍ତରାଷ୍ଟ୍ର ଆମେରିକାର, ଚୀନ୍, କାନାଡା, ଫ୍ରାନ୍ସ, ଜର୍ମାନୀ, ହଂକଙ୍ଗ, ଭିଏତନାମ୍, ଇଣ୍ଡୋନେସିଆ, ସ୍ପେନ୍, ଫିଲିପିନ୍ସ, ଇରାନ୍, ଆଫଗାନିସ୍ତାନ୍, ମାଲେସିଆ, ଲାଓସ୍, ନେପାଳ ଓ ମୌରିଟାନିଆ ସହିତ ୩୨ ଟି ଦେଶର କ୍ରୀଡ଼ାବିତ ମାନେ ଅଂଶଗ୍ରହଣ କରିଥିଲେ, ଯାହା ସଫଳ ବିଶ୍ୱସ୍ତରୀୟ କ୍ରୀଡ଼ା ଆୟୋଜନରେ ପରିଣତ କରିଥିଲା। ତେବେ ଏହି ସମ୍ମାନଜନକ ବିଶ୍ୱ ପ୍ରତିଯୋଗିତାରେ ଭାରତୀୟ ଅଧିକାରୀ ଓ କ୍ରୀଡ଼ାବିତ ମାନଙ୍କର ଉପସ୍ଥିତି ଓ ସଫଳତା ପାରମ୍ପରିକ ଯୁଦ୍ଧ କଳାର ପ୍ରଚାର ଓ ଉନ୍ନୟନ ପାଇଁ ଚାଲୁଥିବା ଅବିରତ ପ୍ରୟାସକୁ ପ୍ରତିଫଳିତ କରିବା ସହ ଆନ୍ତର୍ଜାତୀୟ ମାର୍ଶାଲ୍ ଆର୍ଟ୍ସ ଚମ୍ପିୟନସିପରେ ଭାରତର ପ୍ରତିନିଧିତ୍ୱକୁ ଆହୁରି ସୁଦୃଢ଼ କରିଛି।

## ରାସ୍ତାରେ ପାଣି ପାଇଁ ଘଟୁଛି ଦୁର୍ଘଟଣା

ହାଟଡିହି, (ମହାଭାରତ) : ହାଟଡିହି ବ୍ଲକର ଛେନାପଦି ଛକରେ ବର୍ଷା ପାଣି ଜମି ରହିଥିବାରୁ ସବୁବେଳେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସେହିଭଳି ଏକ ଘଟଣା ବୁଧ ବାର ଦିନ ସକାଳ ପ୍ରାୟ ସାତଟା ବେଳକୁ ଦେଖିବାକୁ ମିଳିଥିଲା। ସାମାନ୍ୟ ବର୍ଷା ପାଣି ରେ ଗୋଟିଏ ଟ୍ରାକ୍ଟର ରେ ଜଣେ ଚାଷୀ ଧାନ ନେଇ ଯାଉଥିବା ବେଳେ ଦୁର୍ଘଟଣା ରେ ଧାନ ଗୁଡ଼ିକ ପାଣି ରେ ପଡ଼ି ଯାଇଥିଲା। ବାରମ୍ବାର ଏପରି ହେଉଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେଉନଥିବା ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଯାହାକୁ କି ଅଧିକାରୀ ମାନେ ଜାଣିଶୁଣି କରୁନଥିବା କୁହା ଯାଉଛି।

## 'ସୁଡ଼ଙ୍ଗ'କୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି




କପ୍ତିପଦା, (ମହାଭାରତ ) : କପ୍ତିପଦା -ମୟୂରଭଞ୍ଜ ଜିଲ୍ଲାର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ କପ୍ତିପଦା ବ୍ଲକର କଳମଗଡିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ "ସୁଡ଼ଙ୍ଗ' ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯିବା ଦାବି ନେଇ କପ୍ତିପଦାର ଶରତ ବିକାଶ ମଞ୍ଚ ଆନୁକୁଲ୍ୟରେ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ ଓ ଯୁଗ୍ମ ସମ୍ପାଦକ ନବୀନ ମୁଣ୍ଡୁରୀଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଧାରଣା ଦିଆଯାଇଥିବା ଜଣାଯାଇଛି। ତତସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ସାମିଲ ହୋଇଥିବା ଶତାଧିକ ଆଦିବାସୀ ମହିଳାଙ୍କ ସମେତ ଗ୍ରାମବାସୀ ଉକ୍ତ ଗ୍ରାମରୁ ଦୀର୍ଘ ୧୧୫ କିଲୋମିଟର ରାସ୍ତା ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ବହୁ ଖର୍ଚ୍ଚାନ୍ତ ହୋଇ ଆସି ଏଠାରେ ପହଞ୍ଚି ଥିବାର ଦେଖିବା ପାଇଁ ମିଳିଥିଲା। ଦାବି ଗୁଡିକ ମଧ୍ୟରେ ଉକ୍ତ ଗ୍ରାମରେ ଅଢ଼େଇ ଶହରୁ ଉର୍ଦ୍ଧ୍ୱ ପରିବାର ପୁରୁଷାନୁକ୍ରମେ ରହି ଆସିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମ ମାନ୍ୟତା ପାଇ ନ ଥିବାରୁ ମନରେଗା-୨୦୦୫(ପରିବର୍ତ୍ତିତ ଭିବିଜି ରାମଜୀ) ଯୋଜନାରୁ ବଞ୍ଚିତ ହୋଇ ରହିଥିବା ସହିତ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମରୁ ମଧ ବଞ୍ଚିତ ହୋଇ ଅଛନ୍ତି। ଏପରିକି ଉକ୍ତ ଗ୍ରାମକୁ ବିଦ୍ୟୁତ ଯୋଗା ଯାଇ ନାହିଁ।ମୁଖ୍ୟମନ୍ତ୍ରୀଙ୍କ ସଡକ ଯୋଜନା ଏବଂ ପ୍ରଧାନ ମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନାରେ ଉକ୍ତ ଗ୍ରାମର ରାସ୍ତାଘାଟର ଦୟନୀୟ ଅବସ୍ଥା ଅବର୍ଣ୍ଣନୀୟ ହୋଇ ରହିଥିବା ସହିତ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମିପଟ୍ଟା ମଧ ପାଇ ପାରୁ ନ ଥିବାର ଦର୍ଶାଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଗୁଲୁରାମ ସିଂ, ବାଚୁ ସିଂ ପୂର୍ତ୍ତି,ତୁଷାର ସିଂ, ଦୁଲମୁ ଆଲଡା, ଚନ୍ଦ୍ରାଏ ଟୁଡୁ, ବୀର ସିଂ ପୂର୍ତ୍ତି, ଦଶମତ ହାଁସଦା, କୁମାର ତିୟୁ, ଚାନ୍ଦୁ ସୟ, ଲାଉ ବାସ୍କେ, ବାଗୁନ ଲାମାଏ ଓ ବସନ୍ତ ସିଂ ପ୍ରମୁଖ ସାମିଲ ଥିଲେ ।

## ଦାରୁ ବିଗ୍ରହ ନିମନ୍ତେ ନିମ ଗଛ ଚିହ୍ନଟ



ଦଶପଲ୍ଲା, (ମହାଭାରତ): ପାରାଦୀପ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କ ଦାରୁ ବିଗ୍ରହ ନିମନ୍ତେ ନିମ ଗଛ ଚିହ୍ନଟ ନିମନ୍ତେ ପ୍ରତିନିଧି ମଣ୍ଡଳୀ ଟାକରା ପଞ୍ଚାୟତର କୁଟିବାରି ଅଞ୍ଚଳ ପରିଦର୍ଶନ କରିଥିଲେ । ଗ୍ରାମର ବସନ୍ତ ଜାନି ଓ ଅନ୍ୟ ଦୁଇ ଜଣ ଦାରୁ ବିଗ୍ରହ ନିମନ୍ତେ ଘର ବାଡ଼ି ରେ ଥିବା ଗୋଟିଏ ବହୁ ପୁରାତନ ନିମ ଗଛ ଦାନ କରିବାକୁ ସମ୍ମତି ପ୍ରଦାନ କରିଥିବାରୁ ଶ୍ରୀ ଶ୍ରୀ ଜଗନ୍ନାଥ ଟେମ୍ପୁଲ ଟ୍ରଷ୍ଟ, ପାରାଦୀପର କର୍ମକର୍ତ୍ତା ଓ ବନ ବିଭାଗ ମିଳିତ ଭାବେ ନିମ ବୃକ୍ଷ ନିରୀକ୍ଷଣ କରିଥିଲେ। ସୁଚନା ଯୋଗ୍ୟ ଯେ, ଆସନ୍ତା ଘୋଷଯାତ୍ରା - ୨୦୨୬ ବର୍ଷରେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଦାରୁ ବିଗ୍ରହ ନିର୍ମାଣ ହେବାକୁ ଥିବା ବେଳେ ଫେବୃଆରୀ ୨୮ ତାରିଖ ସୁଦ୍ଧା ବୃକ୍ଷ ଛେଦନ ପ୍ରକ୍ରିୟା ଶେଷ କରିବା ନିମନ୍ତେ ଶୁଭ ଦିନ ଧାର୍ଯ୍ୟ କରାଯାଇ ଥିବା ଜଣାପଡ଼ିଛି । ଗଛ କାଟିବା, ଗଡ଼ କରିବା, ଚାଲାଣ ଇତ୍ୟାଦି କାର୍ଯ୍ୟ ଓ ଖର୍ଚ୍ଚ ଶ୍ରୀ ଶ୍ରୀ ଜଗନ୍ନାଥ ଟେମ୍ପୁଲ ଟ୍ରଷ୍ଟ, ପାରାଦୀପ ବହନ କରିବେ ବୋଲି ଜଣା ପଡିଛି।

## ରାଇଘରରେ ଆଞ୍ଚଳିକ 'ଗୋଣ୍ଡି' ଭାଷାରେ ପ୍ରାରମ୍ଭିକ ଶିକ୍ଷା

ରାଇଘର, (ମହାଭାରତ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ରେ ଆଞ୍ଚଳିକ 'ଗୋଣ୍ଡି ଭାଷାରେ ପ୍ରାରମ୍ଭିକ ଶିକ୍ଷା କେନ୍ଦ୍ର ବା ଅଙ୍ଗନୱାଡ଼ି କେନ୍ଦ୍ରରେ ପିଲାମାନେ ଶିକ୍ଷା ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଉମରକୋଟ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ସୋମବାର ଆମେ ପଢ଼ିବା ଆମ ଭାଷାରେ ଏକଦିବସୀୟ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଡିଆଇଇଟି ଅଧ୍ୟକ୍ଷ ଓଁକାର ପଟ୍ଟନାୟକ, ଡିଆଇପିଆର ଓ ମନୋଜ ବେହେରା, ବିଡିଓ ମନୋଜ ମେହେର, ପିରାମଲ୍ ଫାଉଣ୍ଡେଶନ ଅଧୁକାରୀ ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ, ଶିକ୍ଷାଦାନ, ନୂଆ ଅରୁଣିମା' ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃ ରୂପାୟନ, ଅଙ୍ଗନୱାଡ଼ି କର୍ମୀଙ୍କୁ ଏ ଦିଗରେ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥି କହିଥିଲେ । ନିଜ ଭାଷାରେ ଶିଶୁମାନେ ଖେଳ, କାହାଣୀ, ଗୀତ ଓ କଥୋପକଥନ ମାଧ୍ୟମରେ ଶିକ୍ଷାର ପ୍ରଥମ ସୋପାନରେ ଅନ୍ତର୍ଭୁକ୍ତ ହେବେ। ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ନବରଙ୍ଗପୁର ଜିଲାର ରାଇଘର ବ୍ଲକ୍ ୩୦ ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ଥାନୀୟ ଗୋଣ୍ଡି ଭାଷାରେ ୩ ରୁ ୬ ବର୍ଷ ବୟସର ଶିଶୁମାନଙ୍କୁ ମାତୃଭାଷା ଆଧାରିତ ଶିକ୍ଷା ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା 'ଆମେ ପଢ଼ିବା ଆମ ଭାଷାରେ ଯୋଜନାକୁ ୬ ଜନଜାତି ଜିଲା ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ ଓ କେଉଁଝରରେ ୧୮୦ ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟକାରୀ କରାଯିବ। ବୈଠକରେ ରାଇଘର ବ୍ଲକ୍‌ରୁ ଅଙ୍ଗନୱାଡ଼ି କର୍ମୀ, ବହୁଭାଷୀ ଶିକ୍ଷକ, ରାଇଘର ସରପଞ୍ଚ ଓ ଅଭିଭାବକ, ରାଇଘର ବିଇଓ ବିକାଶ ଚନ୍ଦ୍ର ସରକାର, ରାଇଘର ଏବିଡିଓ ଏବଂ ଖବରଦାତାମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦ୍ୱିତୀୟ ଦିନରେ ପହଞ୍ଚିଛି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପ୍ରାଣୀ ସମ୍ପଦ ବିଭାଗର ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ପହଞ୍ଚିଛି ।ଏହି କାର୍ଯ୍ୟକ୍ରମରେ ଉଭଠଙ ଡାକ୍ତର ତୁସାରେନ୍ଦୁ ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରସନ୍ନ କୁମାର ଦାଶ,ଇଉଠଙ ଡକ୍ଟର ଶ୍ରୀକାନ୍ତ ଖଟୁଆ, ଜିଲ୍ଲା ତାଲିମ ସଂଯୋଜକ ଆଲୋକ ପ୍ରଭା ସାମନ୍ତରାୟ ପ୍ରମୁଖ ମଞ୍ଚାସିନ ଥିଲେ ।ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱିତୀୟ ଦିନରେ ପହଞ୍ଚିଛି ଗୋ ପାଳକ ମାନଙ୍କ ଦକ୍ଷତାବୃଦ୍ଧି କିପରି ହୋଇ ପାରିବ ।ଗାଇକୁ କଣ ଖାଇବାକୁ ଦେବେ କିପରି ଗାଇ ର ଯତ୍ନ ନେବାକୁ ହେବ ।କଣ କଲେ ଦୁଗ୍ଧ ଅଧିକ ଉତ୍ପାଦନ କରିପାରିବ ତା ଉପରେ ଗୋ ପାଳକ ମାନଙ୍କୁ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ତୁସରେନ୍ଦୁ ନାୟକ ମାର୍ଗ ଦର୍ଶନ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଗୋ ପାଳକ ମାନେ ପ୍ରଶିକ୍ଷଣ ନେଇଛନ୍ତି ।ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ସରକାରଙ୍କ ପକ୍ଷରୁ ଗୋ ପାଳକ ମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ ବିଭିନ୍ନ ଟୀକା କରଣ ଉପରେ ଗୋ ପାଳକ ମାନଙ୍କୁ ଅବଗତ କରାଇବା ସହିତ ଗୋପାଳନ କିପରି ଉନ୍ନତି ମାନର କରିପାରିବେ ।ଗୋ ପାଳକ ମାନଙ୍କ ଦକ୍ଷତା ବୃଦ୍ଧି ହୋଇ ପାରିବ ।

## ୪୮ ଦିନର ସଂଘର୍ଷ ପରେ ଆଖି ବୁଜିଲେ ବିରେନ ସ୍କୁଲରେ ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ



ବିଷମକଟକ, (ମହାଭାରତ) : ବିଷମକଟକ ବ୍ଲକ ମୁନିଗୁଡ଼ା ଥାନା ଅନ୍ତର୍ଗତ ପାଇକଡାକୁଲୁଗୁଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଅଗ୍ନିକାଣ୍ଡ ଘଟଣାରେ ଶେଷରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଦୀର୍ଘ ୪୮ ଦିନ କାଳ ମୃତ୍ୟୁ ସହ ପଞ୍ଝା ଲଢ଼ିବା ପରେ ସପ୍ତମ ଶ୍ରେଣୀର ଛାତ୍ର ବିରେନ୍ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗତ ଜାନୁଆରୀ ୮ ତାରିଖ ଦିନ ବିଦ୍ୟାଳୟ ପରିସରରେ ଜଣେ ଛାତ୍ର ଅନ୍ୟ ୪ ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ବିରେନ୍ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ପ୍ରଥମେ ତାଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଖ୍ରୀଷ୍ଟିୟାନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦୀର୍ଘ ୪୮ ଦିନର ଚିକିତ୍ସା ପରେ ମଙ୍ଗଳବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଛି। ବିରେନ୍‌ଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ପରିବାର ଲୋକେ ଓ ଗ୍ରାମବାସୀ ଶୋକରେ ଭାଙ୍ଗି ପଡ଼ିବା ସହ କ୍ଷତିପୂରଣ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଉତ୍ତ୍ୟକ୍ତ ଲୋକେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ, ଯାହାଫଳରେ ଶିକ୍ଷକମାନେ କିଛି ସମୟ ପାଇଁ ଭିତରେ ଆବଦ୍ଧ ହୋଇ ରହିଥିଲେ। ଖବର ପାଇ ମୁନିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଶିକ୍ଷକମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲା। ମୃତ ଛାତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ଏବଂ ଏହି ଅଗ୍ନିକାଣ୍ଡ ପଛରେ ଥିବା କାରଣ ଓ ସଂପୃକ୍ତ ଛାତ୍ରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପ୍ରକ୍ରିୟା ଆରମ୍ଭ କରିଛି। ଏବେ ମଧ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଗ୍ରାମବାସୀମାନେ ଟାୟାର ଜାଳି ପ୍ରତିବାଦ ଜାରି ରଖିଛନ୍ତି।

## ନିଆଁ ଲାଗି ଜଳିଗଲା ଦୁଇ ବଖରା

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ସରିଗଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁକୁପ୍ରସାଦ ଗ୍ରାମରେ ଥିବା ଫାର୍ମ ହାଉସରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସମ୍ପୂର୍ଣ୍ଣ ଭାବେ ଜଳି ପୋଡ଼ି ଛାରଖାର ହୋଇଯାଇଛି ।ସୁଚନା ଅନୁସାରେ ମଙ୍ଗଳବାର ଦିନ ମାଧ୍ୟାହ୍ନ ସମୟରେ ନନ୍ଦ କିଶୋର ମିଶ୍ରଙ୍କ ଫାର୍ମ ହାଉସରେ ଥିବା ଚାଳ ଘରେ ନିଆଁ ଲାଗି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକ ନିଆଁ କୁ ଆୟତ୍ତ କରିବା ପାଇଁ ବହୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଦଶପଲ୍ଲା ଅଗ୍ନିସମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁ କିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଜଙ୍ଗଲରେ ନିଆଁ ଲାଗି ଥିବା ଯୋଗୁଁ ଏହି ଅଗ୍ନି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## କମିବ ଖାଇବା ତେଲ ରେଟ !

ନୂଆଦିଲ୍ଲୀ : ବର୍ତ୍ତମାନର ମହଙ୍ଗା ଯୁଗରେ କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ଖୁସି ଖବର ଦେଇଛନ୍ତି। କ୍ରମାଗତ ଭାବରେ ବର୍ଦ୍ଧିତ ମୂଲ୍ୟ ହେତୁ ଚିନ୍ତାରେ ଥିବା ଗ୍ରାହକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ, ଅଶୋଧିତ ତେଲ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂଆ ନିୟମ ୩୧ ମେରୁ ସାରା ଦେଶରେ କାର୍ଯ୍ୟକାରୀ ହେବ। କେନ୍ଦ୍ର ଏ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିସାରିଛି। ଯାହା ଫଳରେ ଆଗାମୀ ଦିନରେ ତେଲର ମୂଲ୍ୟରେ ଯଥେଷ୍ଟ ହ୍ରାସ ହେବାର ସମ୍ଭାବନା ରହିଛି। ବର୍ତ୍ତମାନର ନିୟମ ଅନୁଯାୟୀ, ଅଶୋଧିତ ପାମ୍ ତେଲ, ଅଶୋଧିତ ସୋୟାବିନ୍ ତେଲ ଓ ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ୨୦ ପ୍ରତିଶତ ଆମଦାନୀ ଟିକସ ଲାଗୁ ହେବ। ବର୍ତ୍ତମାନ, ଏହି ଟିକସକୁ ଅଧା କରି ୧୦ ପ୍ରତିଶତ କରାଯାଇଛି। ଭାରତ ତାର ରନ୍ଧନ ତେଲ ଆବଶ୍ୟକତାର ୧୦ ପ୍ରତିଶତ ପର୍ଯ୍ୟନ୍ତ ଅନ୍ୟ ଦେଶ ଉପରେ ନିର୍ଭର କରେ। ଏହାର ମୁଖ୍ୟ କାରଣ ହେଉଛି ଆମ ଦେଶରେ ତୈଳବୀଜର କମ୍ ଉତ୍ପାଦନ। ବିଦେଶରୁ ଅଶୋଧିତ ତେଲ ଉପରେ ଟିକସ ହ୍ରାସ ସ୍ଥାନୀୟ ବଜାରରେ ମୂଲ୍ୟ ହ୍ରାସ କରିବ। ଆମ ଦେଶ ମୁଖ୍ୟତଃ ଇଣ୍ଡୋନେସିଆ, ମାଲେସିଆ ଓ ଥାଇଲ୍ୟାଣ୍ଡରୁ ପାମ୍ ଓଏଲ ଆମଦାନୀ କରେ। ଆମେ ସୂର୍ଯ୍ୟମୁଖୀ ତେଲ ପାଇଁ ଆର୍ଜେଣ୍ଟିନା, ବ୍ରାଜିଲ, ରୁଷ ଓ ୟୁକ୍ରେନ ଭଳି ଦେଶ ଉପରେ ମଧ୍ୟ ନିର୍ଭର କରୁ। ଆମଦାନୀ ଶୁଳ୍କ ହ୍ରାସ ସହିତ, ଏହି ତିନି ପ୍ରକାରର ତେଲ ଉପରେ ମୋଟ ଟିକସ ବୋଝ ୨୭.୫ ପ୍ରତିଶତରୁ ୧୬.୫ ପ୍ରତିଶତକୁ ହ୍ରାସ ପାଇବ। ସରକାର ସେପ୍ଟେମ୍ବର ୨୦୨୪ରେ ରନ୍ଧନ ତେଲ ଉପରେ ଟିକସ ବୃଦ୍ଧି କରିବା ପରେ, ମୂଲ୍ୟ ଆକାଶଛୁଆଁ ହୋଇଥିଲା। ଶିଳ୍ପ ସୂତ୍ରଗୁଡ଼ିକ ଆଶା କରୁଛନ୍ତି ଯେ ବର୍ତ୍ତମାନ ନିଆଯାଇଥିବା ନିଷ୍ପତ୍ତି ସେହି ଚିନ୍ତାକୁ କମ କରିବ। କେନ୍ଦ୍ର ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଏହି ମୂଲ୍ୟ ହ୍ରାସ ଉପରେ କଡ଼ା ନଜର ରଖିଛି। ଟିକସ ହ୍ରାସର ଲାଭ ସିଧାସଳଖ ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହା ଦେଖିବା ପାଇଁ ଅଧିକାରୀମାନେ ବିଭିନ୍ନ ରାଜ୍ୟରେ ଯାଞ୍ଚ କରିଛନ୍ତି। ଆନ୍ଧ୍ର ପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ସର୍ବାଧିକ ସଂଖ୍ୟକ ରନ୍ଧନ ତେଲ ବିଶୋଧନାଗାର ଅଛି। ଅଧିକାରୀମାନେ ନିଜେ ଏହି ଅଞ୍ଚଳଗୁଡ଼ିକରେ ଥିବା ବନ୍ଦରଗୁଡ଼ିକରେ ପ୍ରକ୍ରିୟାକରଣ ପ୍ଲାଣ୍ଟ ଓ ସଂରକ୍ଷଣ ସୁବିଧା ଯାଞ୍ଚ କରିଛନ୍ତି।

## ପୁଣି ଭାରତକୁ ବଡ଼ ଝଟକା ଦେଲେ ଟ୍ରମ୍ପ

ୱାଶିଂଟନ : ଆମେରିକା ପୁଣି ଥରେ ଭାରତକୁ ଏକ ବଡ଼ ଝଟକା ଦେଇଛି। ସୌର ପ୍ୟାନେଲ ଉପରେ ପ୍ରାରମ୍ଭିକ ୧୨୬% ଟାରିଫ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମଧ୍ୟ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଭାରତ ବ୍ୟତୀତ, ଟ୍ରମ୍ପ ଅନେକ ଦେଶ ଉପରେ ଟାରିଫ୍ ଲଗାଇଛନ୍ତି। ଆମେରିକା ଇଣ୍ଡୋନେସିଆ ଉପରେ ୮୬% ରୁ ୧୪୩% ଏବଂ ଲାଓସ ଉପରେ ୮୧% ଟାରିଫ୍ ଲଗାଇବାକୁ ପ୍ରସ୍ତାବ ରହିଛି। ନିକଟରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ କଠୋର ନିଷ୍ପତ୍ତିକୁ ଅବରୋଧ କରିଛନ୍ତି। ଏହା ପରେ, ଟ୍ରମ୍ପ ସମସ୍ତ ଦେଶ ଉପରେ ୧୦% ଟାରିଫ୍ ଲଗାଇଛନ୍ତି। କୋର୍ଟ ଟ୍ରମ୍ପଙ୍କ ଟାରିଫ୍ ନିଷ୍ପତ୍ତିକୁ କଂଗ୍ରେସରେ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ, ଟ୍ରମ୍ପ ଭାରତ ଉପରେ ଆଉ ଏକ ଟାରିଫ୍ ଲଗାଇଛନ୍ତି। ଆମେରିକାର ବାଣିଜ୍ୟ ବିଭାଗ କହିଛି ଯେ ଭାରତ ଅନ୍ୟାୟ ଭାବରେ ଏହାର ନିର୍ମାତାମାନଙ୍କୁ ସବସିଡି ଦେଇଛି। ଆମେରିକା ଅଭିଯୋଗ କରିଛି ଯେ ଏହା ଶସ୍ତା ଉତ୍ପାଦ ବିକ୍ରି କରି ଆମେରିକୀୟ କମ୍ପାନୀଗୁଡ଼ିକୁ କ୍ଷତି ପହଞ୍ଚାଉଛି। ବିଶେଷଜ୍ଞଙ୍କ ମତରେ, ଟ୍ରମ୍ପଙ୍କ ଭାରୀ ଟାରିଫ୍ ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଆମେରିକା ବଜାରରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର କରିବ। ୨୦୨୪ରେ, ଭାରତ ଆମେରିକାକୁ ୧୭୯୨.୬ ନିୟୁତ (ପ୍ରାୟ ୬,୫୦୦ କୋଟି ଟଙ୍କା) ମୂଲ୍ୟର ସୌର ଉତ୍ପାଦ ରପ୍ତାନି କରିଥିଲା। ୨୦୨୨ରେ, ରପ୍ତାନି ୨୦୨୪ ତୁଳନାରେ ନଅ ଗୁଣ କମ୍ ଥିଲା। ଏହା ଉଲ୍ଲେଖ କରିବା ଉଚିତ ଯେ ନୂତନ ଟାରିଫ୍ ଟ୍ରମ୍ପଙ୍କ ମାନକ ଟାରିଫ୍ ଠାରୁ ଭିନ୍ନ, ଯାହାକୁ କୋର୍ଟ ଦ୍ୱାରା ନିକଟରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଜବାବରେ, ଟ୍ରମ୍ପ ପୂର୍ବରୁ ଏକ ନୂତନ ୧୦% ଟାରିଫ୍ ଲାଗୁ କରିସାରିଛନ୍ତି।

## ଚର୍ଚ୍ଚାରେ ବିଏସ୍ଏନ୍ଏଲ୍ ବାବୁଙ୍କ ଭିଆଇପି ଆଚରଣ

ନୂଆଦିଲ୍ଲୀ: ସରକାରୀ ଟେଲିକମ୍ କମ୍ପାନି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍)ର ପୁନରୁଦ୍ଧାର କରିବାକୁ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆର୍ଥିକ ସ୍ତରରେ କମ୍ପାନି ଅତ୍ୟନ୍ତ ଚାପରେ ଥିଲେ ମଧ୍ୟ କମ୍ପାନିର କେତେକ ବାବୁଙ୍କୁ କିଛି ଫରକ ପଡୁନାହିଁ। କମ୍ପାନି ବୁଡ଼ିଯାଉପଛେ ଆମେ ଭିଆଇପି ଠାଣି ଛାଡ଼ିବୁନି। କିଛି ଅଧିକାରୀଙ୍କ ଏଭଳି ଆଭିମୁଖ୍ୟ ଉଭୟ କମ୍ପାନି ଓ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସେଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ବିଏସ୍ଏନ୍ଏଲ୍‌ର ଜଣେ ନିର୍ଦ୍ଦେଶକଙ୍କ ଗସ୍ତ ସୂଚୀ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। କମ୍ପାନି କାମରେ ନୁହେଁ, ତାଙ୍କ ବ୍ୟକ୍ତିଗତ ଗସ୍ତ ପାଇଁ ପ୍ରସ୍ତୁତ ହୋଇଥିବା ସୂଚୀରେ ଯେଉଁ ସବୁ ବ୍ୟବସ୍ଥା କରିବାକୁ କୁହାଯାଇଛି ତାହା ଜଣାପଡ଼ିବା ପରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅଧିକାରୀ ଜଣଙ୍କୁ କଡ଼ା ନିନ୍ଦା କରାଯାଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ସରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତାଙ୍କ ଗସ୍ତକୁ ବାତିଲ କରାଯାଇଛି। ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଘଟଣାକୁ ଅଜବ ଓ ଅଗ୍ରହଣୀୟ କହିଛନ୍ତି। ଘଟଣାଟି ହେଉଛି ଏହିଭଳି। ବିଏସ୍ଏନ୍ଏଲ୍‌ର ନିର୍ଦ୍ଦେଶକ ବିବେକ ବନଜଲ ନିଜ ବ୍ୟକ୍ତିଗତ କାମରେ ଉତ୍ତରପ୍ରଦେଶର ପ୍ରୟାଗରାଜ ଗସ୍ତ କରିବାର ଥିଲା। ସେଠାରେ ସେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ସହ ଆଖପାଖର ମନ୍ଦିର ବୁଲିବା ପାଇଁ ଗସ୍ତ ସୂଚୀ ପ୍ରସ୍ତୁତ ହୋଇଥିଲା। ତାଙ୍କ ଗସ୍ତ ସୂଚୀକୁ ନେଇ ମହାପ୍ରବନ୍ଧକ ସ୍ତରରେ ଜାରି ହୋଇଥିବା ନିର୍ଦ୍ଦେଶ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ସେଥିରେ ତାଙ୍କ ଗସ୍ତ ପାଇଁ ଯେଉଁଭଳି ରାଜକୀୟ ବ୍ୟବସ୍ଥା କରିବାର ନିର୍ଦ୍ଦେଶ ଥିଲା ତାହାକୁ ଦେଖି ଲୋକମାନଙ୍କ ଚକିତ ହୋଇପଡ଼ିଥିଲେ। ନିଜର ବ୍ୟକ୍ତିଗତ ଧାର୍ମିକ ଯାତ୍ରା ପାଇଁ ସରକାରୀ କର୍ମଚାରୀ ଓ ସମ୍ବଳର ଅପବ୍ୟବହାର ଉଦ୍ୟମକୁ ଲୋକମାନେ କଡ଼ା ନିନ୍ଦା କରିଛନ୍ତି। ଚଳିତ ମାସ ୨୫-୨୬ରେ ବନଜଲ ପ୍ରୟାଗରାଜ ଗସ୍ତ କରିବାର ଥିଲା। ସେଥିପାଇଁ ୧୯ ତାରିଖରେ ଏକ ଗସ୍ତ ସୂଚର ଜାରି ହୋଇଥିଲା। ତାଙ୍କ ଗସ୍ତ ସଫଳ କରିବାକୁ ୫୦ରୁ ଅଧିକ ଅଧିକାରୀ ଓ କର୍ମଚାରୀଙ୍କୁ ୨୦ ପ୍ରକାର କାମ କରିବାକୁ କୁହାଯାଇଥିଲା। ରେଳ ଷ୍ଟେସନରୁ ସ୍ୱାଗତ କରିବାଠାରୁ ଆରମ୍ଭ କରି ବଡେ ହନୁମାନ ମନ୍ଦିର, ଅକ୍ଷୟବଟ ଓ ପାତାଳପୁରୀ ମନ୍ଦିରରେ ଦର୍ଶନ, ତ୍ରିବେଣୀ ସଙ୍ଗମରେ ବୁଡ଼, ଡଙ୍ଗାରେ ବୁଲିବା, ଭୋଜନ, ପରିବହନ ଓ ତାଙ୍କ ଅନ୍ୟାନ୍ୟ କାମର ପରିଚାଳନା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଥିଲା।

## ‘ଆୟୁଷ ବ୍ୟବସ୍ଥା ସାମଗ୍ରିକ ସୁସ୍ଥତା ପାଇଁ ବ୍ୟାପକ ଜୀବନଶୈଳୀ ଢାଞ୍ଚା ପ୍ରଦାନ କରେ’

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମହାରାଷ୍ଟ୍ରର ବୁଲଧାନା ଜିଲ୍ଲାର ଶେଗାଓଁରେ ଜାତୀୟ ଆରୋଗ୍ୟ ମେଳା ୨୦୨୬କୁ ଉଦଘାଟନ କରିଛନ୍ତି। ଏହି ଚାରି ଦିନିଆ ଜାତୀୟ କାର୍ଯ୍ୟକ୍ରମ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଅଖିଳ ଭାରତୀୟ ଆୟୁର୍ବେଦିକ କଂଗ୍ରେସ ସହଯୋଗରେ ଆୟୋଜିତ ହେଉଛି। ଏହା ଭାରତର ପାରମ୍ପରିକ ଚିକିତ୍ସା ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ନିର୍ଦ୍ଧାରକ, ଗବେଷକ, ଅଭ୍ୟାସକାରୀ, କୃଷକ, ଶିଳ୍ପ ପ୍ରତିନିଧି ଏବଂ ନାଗରିକମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକତ୍ରିତ କରୁଛି। ସନ୍ଥ ଶ୍ରୀ ଗଜାନନ ମହାରାଜଙ୍କ ପବିତ୍ର ଭୂମିକୁ ଆସିବା ତାଙ୍କୁ ହୃଦୟରୁ ଖୁସି ଦେଇଛି ବୋଲି ରାଷ୍ଟ୍ରପତି କହିଥିଲେ। ସେ କାର୍ଯ୍ୟକ୍ରମକୁ ଆସିବା ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ସୁଯୋଗ ପାଇଥିଲେ। ସନ୍ଥ ଗଜାନନ ମହାରାଜ ତାଙ୍କର ଜୀବନ ଜନ କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଏବଂ ସମସ୍ତ ଜୀବଜଗତଙ୍କ ପାଇଁ କରୁଣା ଏବଂ ସମାନତାର ବାର୍ତ୍ତା ଶିକ୍ଷା ଦେବା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏପରି ଏକ ମହତ୍ୱପୂର୍ଣ୍ଣ ସ୍ଥାନରେ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ କାର୍ଯ୍ୟକ୍ରମ ଉଦଘାଟନ କରିବା ଅତ୍ୟନ୍ତ ସନ୍ତୋଷର ବିଷୟ ବୋଲି ସେ କହିଥିଲେ।




ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ, ଆମ ପରମ୍ପରାରେ କୁହାଯାଏ, ‘ଆରୋଗ୍ୟମ୍ ପରମମ୍ ସୁଖମ୍,’ ଅର୍ଥାତ୍ ଭଲ ସ୍ୱାସ୍ଥ୍ୟ ହେଉଛି ସର୍ବୋତ୍ତମ ଖୁସି। ଏକ ସୁସ୍ଥ ଶରୀର ସମସ୍ତ କର୍ତ୍ତବ୍ୟ ପାଳନ ପାଇଁ ପ୍ରାଥମିକ ଉପକରଣ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରକୁ ସୁଦୃଢ଼ କରିବାରେ, ସୁସ୍ଥ ନାଗରିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ, ସୋୱା- ରିଗ୍ପା ଏବଂ ହୋମିଓପାଥି ପ୍ରତିରୋଧକ, ପ୍ରୋତ୍ସାହନମୂଳକ ଏବଂ ଚିକିତ୍ସାମୂଳକ ସ୍ୱାସ୍ଥ୍ୟସେବାରେ ଅମୂଲ୍ୟ ଅବଦାନ ଦେଇଛନ୍ତି ଏବଂ ସମାଜକୁ ସନ୍ତୁଳିତ ଜୀବନଯାପନ ପାଇଁ ମାର୍ଗଦର୍ଶନ କରିଆସୁଛନ୍ତି।

ପ୍ରକୃତ ସୁସ୍ଥତା ପାଇଁ ଶରୀର ଏବଂ ମନ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ବିଶ୍ୱ କ୍ରମାଗତ ଭାବରେ ସ୍ୱୀକାର କରୁଛି। ଆୟୁଷ ବ୍ୟବସ୍ଥା କେବଳ ଚିକିତ୍ସା ପ୍ରଦାନ କରେ ନାହିଁ, ବରଂ ସନ୍ତୁଳିତ ଖାଦ୍ୟ, ଦୈନନ୍ଦିନ ଏବଂ ଋତୁକାଳୀନ କାର୍ଯ୍ୟପଦ୍ଧତି, ଯୋଗ, ଧ୍ୟାନ ଏବଂ ପ୍ରାକୃତିକ ଚିକିତ୍ସା ଉପରେ ଆଧାରିତ ଏକ ସମ୍ପୂର୍ଣ୍ଣ ଜୀବନଶୈଳୀ ଢାଞ୍ଚା ପ୍ରଦାନ କରେ। ରୋଗର ବୋଝ ହ୍ରାସ କରିବା ଏବଂ ଦୀର୍ଘକାଳୀନ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିରୋଧକ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଭାରତରେ ଔଷଧୀୟ ଉଦ୍ଭିଦ ଏବଂ ପାରମ୍ପରିକ ଜ୍ଞାନର ଏକ ସମୃଦ୍ଧ ଐତିହ୍ୟ ରହିଛି। ଔଷଧୀୟ ଉଦ୍ଭିଦର ସଂରକ୍ଷଣ ଏବଂ ବିଜ୍ଞାନଭିତ୍ତିକ କୃଷିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ କଞ୍ଚାମାଲ ଆଧାରକୁ ସୁଦୃଢ଼ କରିବା ଦ୍ୱାରା ନିରନ୍ତର ସ୍ୱାସ୍ଥ୍ୟସେବା, କୃଷକଙ୍କ ଆୟ ବୃଦ୍ଧି ଏବଂ ପରିବେଶ ସୁରକ୍ଷା ହୋଇପାରିବ। ସେ ଆୟୁଷ ବ୍ୟବସ୍ଥାକୁ ଆଗକୁ ବଢ଼ାଇବା ଏବଂ ଏକ ସୁସ୍ଥ ଏବଂ ସଶକ୍ତ ଭାରତ ଗଠନ ପାଇଁ ସାମୂହିକ ପ୍ରୟାସ କରିବା ଲାଗି ଆହ୍ୱାନ କରିଥିଲେ। ଏହି ଅବସରରେ, ରାଷ୍ଟ୍ରପତି ଆୟୁର୍ବେଦରେ ସେମାନଙ୍କର ଅସାଧାରଣ ଅବଦାନ ପାଇଁ ବିଶିଷ୍ଟ ଚିକିତ୍ସକମାନଙ୍କୁ ଜୀବନବ୍ୟାପୀ ଆୟୁର୍ବେଦିକ ଗୌରବ ସମ୍ମାନରେ ସମ୍ମାନିତ କରିଥିଲେ। ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ବୈଦ୍ୟ ଦେବେନ୍ଦ୍ର ତ୍ରିଗୁଣା, ବୈଦ୍ୟ ରାକେଶ ଶର୍ମା, ଡକ୍ଟର ଆଶୁତୋଷ ଗୁପ୍ତା, ଡକ୍ଟର ମନୀଷା କୋଟେକର, ପି.ଏମ୍. ଭାରିୟର ଏବଂ ଡକ୍ଟର ରାମଦାସ ଅଛନ୍ତି। ସେମାନଙ୍କ ଉତ୍ସର୍ଗୀକୃତ ସେବା ଏବଂ ଅଭିନବ କାର୍ଯ୍ୟ ଆୟୁଷ ବ୍ୟବସ୍ଥା ମାଧ୍ୟମରେ ପାରମ୍ପରିକ ଔଷଧ, ଜନସ୍ୱାସ୍ଥ୍ୟ ପଦକ୍ଷେପ ଏବଂ ସାମୁଦାୟିକ କଲ୍ୟାଣକୁ ଉଲ୍ଲେଖନୀୟ ଭାବରେ ବିକଶିତ କରିଛି। ରାଷ୍ଟ୍ରପତି ଜାତୀୟ ଆରୋଗ୍ୟ ମେଳା ମଧ୍ୟ ପରିଦର୍ଶନ କରିଥିଲେ।

## ପୁରୁଷବନ୍ଧୁ ଆଗରେ ଯୁବତୀଙ୍କୁ ଗଣବଳାତ୍କାର

ଗୁଆହାଟୀ : ଆସାମର ସିଲ୍‌ଚରରେ ଜଣେ ୨୮ ବର୍ଷୀୟା ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ପୀଡ଼ିତାଙ୍କଠାରୁ ଜବରଦସ୍ତ ୧୦,୦୦୦ ଟଙ୍କା ନେଇଯାଇଛନ୍ତି। ଗତ ୧୯ ତାରିଖ ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ସିଲ୍‌ଚର ସଦର ଥାନାରେ ମାମଲା ରୁଜୁ ହୋଇଛି। ପୀଡ଼ିତା ଦେଇଥିବା ଏତଲା ଅନୁଯାୟୀ, ୭ଜଣ ଲୋକ ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରିବା ପରେ ତାଙ୍କ ମୋବାଇଲ୍ ଫୋନ୍‌ରୁ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୧୦,୦୦୦ ଟଙ୍କା ଟ୍ରାନ୍ସଫର କରାଇବାକୁ ବାଧ କରିଥିଲେ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ କାର୍‌ରେ ଯାଉଥିବାବେଳେ ସିଲ୍‌ଚର ସହରଠାରୁ କିଛି ଦୂର ବାଇପାସ୍ ରୋଡରେ ଅଭିଯୁକ୍ତମାନେ ଏକ ମହିନ୍ଦ୍ରା ଥାର ଗାଡ଼ିରେ ପହଞ୍ଚି ଆକ୍ରମଣ କରିଥିଲେ। କାର୍‌ରେ ୭ରୁ ୮ ଜଣ ଥିଲେ। ପୀଡ଼ିତା ୨ ଅଭିଯୁକ୍ତଙ୍କ ପରିଚୟ ଦେଇଥିବା ବେଳେ ସେମାନଙ୍କୁ ଗିରଫ କରାଯାଇଛି।

## ଅନିଲ ଅମ୍ବାନୀଙ୍କ ୧୭ ମହଲା ଘର ଜବତ: ମୂଲ୍ୟ ୩,୭୧୬ କୋଟି

ମୁମ୍ବାଇ: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ମୁମ୍ବାଇର ପାଲି ହିଲ୍‌ରେ ଥିବା ୧୭ ମହଲା ଘର ‘ଆଡୋବ୍’କୁ ଜବତ କରାଯାଇଛି। ଘରର ମୂଲ୍ୟ ୩୭୧୬ କୋଟି ଟଙ୍କା ଆକଳନ କରାଯାଇଛି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅନୁଯାୟୀ ଘରକୁ ଜବତ କରାଯାଇଛି। ଅନିଲଙ୍କ ୬୬ ମିଟର ଉଚ୍ଚତା ବିଶିଷ୍ଟ ଏହି ଘର ହେଉଛି ଦେଶର ଅନ୍ୟତମ ମହଙ୍ଗା ଘର। ଅନିଲଙ୍କ ବିରୋଧରେ ୪୦ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ ଅଭିଯୋଗ ରହିଛି। ଇଡି ତାହାର ତଦନ୍ତ କରୁଛି। ଇଡି ଦ୍ୱାରା ଘରକୁ ଜବତ ନିର୍ଦ୍ଦେଶ ଦିଆଯିବାର ଅର୍ଥ ହେଉଛି ଉକ୍ତ ଘରକୁ ଅନିଲ ବିକ୍ରି କରିପାରିବେ ନାହିଁ। ତାହାକୁ ଅନ୍ୟ କାହା ନାଁରେ ବି କରିପାରିବେ ନାହିଁ। ଯଦି ମନି ଲଣ୍ଡରିଂ କୋର୍ଟରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେବ ତେବେ ଜବତ




ଘରକୁ ନିଲାମ କରି ସେହି ଟଙ୍କା ବ୍ୟାଙ୍କଗୁଡ଼ିକୁ ଫେରାଯିବ। ତେବେ ଅନିଲ ଉକ୍ତ ରାୟ ବିରୋଧରେ ଟ୍ରିବ୍ୟୁନାଲ ଓ ସୁପ୍ରିମକୋର୍ଟରେ ଆବେଦନ କରିପାରିବେ। ଅନିଲଙ୍କ ବନ୍ଦ ହୋଇଯାଇଥିବା ଟେଲିକମ୍ କମ୍ପାନି ରିଲାଏନ୍ସ କମ୍ୟୁନିକେସନ ସହ ଜଡ଼ିତ ମାମଲାରେ ଏହି ଘର ଜବତ କରାଯାଇଛି। ଅଭିଯୋଗ ରହିଛି ଯେ ଏହି କମ୍ପାନି ନାଁରେ ନିଆଯାଇଥିବା ଋଣକୁ ଅନ୍ୟ ଉଦ୍ଦେଶ୍ୟରେ ଅପବ୍ୟବହାର କରାଯାଇଥିଲା। ଇଡି ବହୁ ଦିନ ଧରି ଅନିଲଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଗ୍ରୁପ୍‌ର ତଦନ୍ତ କରୁଛି। ଏହି ମାମଲାରେ ଅନିଲଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। ବ୍ୟାଙ୍କ ଠକେଇ ମାମଲାରେ ଅନିଲଙ୍କ ଅନେକ ସମ୍ପତ୍ତି ପୂର୍ବରୁ ଜବତ କରାଯାଇଛି। ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବାଇ, ପୁଣେ, ଥାନେ, ହାଇଦ୍ରାବାଦ, ଚେନ୍ନାଇ, କାଞ୍ଚିପୁରମ ଆଦି ସହରରେ ସେହି ସମ୍ପତ୍ତିଗୁଡ଼ିକ ରହିଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ୧୫ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଜବତ କରାଯାଇସାରିଲାଣି।

## ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭାଇ ବୋଲି କହିଲେ ନେତାନ୍ୟାହୁ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ଭବ୍ୟ ସ୍ୱାଗତ ପରେ, ପ୍ରଧାନମନ୍ତ୍ରୀ ମୋଦି ଇସ୍ରାଏଲୀ ସଂସଦକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ଅଛି । ଏହା ପୂର୍ବରୁ ବେଞ୍ଜାମିନ୍ ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭାଇ ବୋଲି କହିଥିଲେ। ଇସ୍ରାଏଲୀ ସଂସଦରେ ସେ କହିଥିଲେ, “ଭାରତ ଆମର ମହାନ ବନ୍ଧୁ।” ଇସ୍ରାଏଲୀ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା ଗାନ କରିଥିଲେ ବେଞ୍ଜାମିନ୍ ନେତାନ୍ୟାହୁ। ସେ କହିଥିଲେ, “ନରେନ୍ଦ୍ର ମୋଦି, ମୋର ପ୍ରିୟ ବନ୍ଧୁ, ଏଗୁଡ଼ିକ କେବଳ ଶବ୍ଦ ନୁହେଁ। ମୁଁ ଏହା ମଧ୍ୟ କହିପାରିବି ଯେ ବନ୍ଧୁ ଅପେକ୍ଷା ସେ ଜଣେ ଭାଇ । ଅନେକ ଦୃଷ୍ଟିରୁ, ଆମେ ଭାଇ । ଯେତେବେଳେ ଆପଣ ଗତ ଥର ଏଠାରେ ଥିଲେ, ଆମେ ଦୁହେଁ ଭୂମଧ୍ୟସାଗର କୂଳରେ ଥିଲୁ, ଏବଂ ମୁଁ କହିଥିଲି, ‘ଆମେ ଆମର ଜୋତା କାଢ଼ି ପାଣିରେ କାହିଁକି ଚାଲିବା ନାହିଁ’ ଆମେ ଏହାକୁ ଶୁଦ୍ଧ କରିବାକୁ ଚାହୁଁଥିଲୁ, ଏବଂ ଆମେ ଇସ୍ରାଏଲୀ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଏହା କରିଥିଲୁ।” ପ୍ରାୟ ୮୦ବର୍ଷ ପୂର୍ବେ, ଆମେ ଦୁହେଁ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ପ୍ରାୟ ସମାନ ସମୟରେ ଆମର ସ୍ୱାଧୀନତା ହାସଲ କରିଥିଲୁ । ଆମର ଅନେକ ସାଧାରଣ ସ୍ୱାର୍ଥ ରହିଛି । ଆମେ ଦୁଇଟି ଗଣତାନ୍ତ୍ରିକ ଦେଶ । ତୁମେ ଏକ ବୃହତ ଗଣତନ୍ତ୍ର, ଏବଂ ଇସ୍ରାଏଲ ମଧ୍ୟ। ଆମକୁ କ’ଣ କରିବାକୁ ପଡ଼ିଛି, ଆମେ କେଉଁ ଅସୁବିଧା ସହ୍ୟ କରିଛୁ ଏବଂ ଆମେ ଆମର ଗଣତନ୍ତ୍ରକୁ କିପରି ବଜାୟ ରଖିଛୁ ସେ ବିଷୟରେ ଚିନ୍ତା କରିବା କଥା ବୋଲି ସେ କହିଛନ୍ତି ।



## ଭାରତ ମହାସାଗରରେ ଆମେରିକା ସେନାର ବଡ଼ କାର୍ଯ୍ୟାନୁଷ୍ଠାନ: ଭେନେଜୁଏଲା ଟ୍ୟାଙ୍କର୍ ଜବତ

ୱାସିଂଟନ: ଭାରତ ମହାସାଗରରେ ଏକ ବଡ଼ ସାମରିକ ଅପରେସନ୍ କରି ଆମେରିକା ସେନା ଭେନେଜୁଏଲାରୁ ପଳାୟନ କରୁଥିବା ଏକ ବିଶାଳ ତୈଳ ଟ୍ୟାଙ୍କର୍‌କୁ ସଫଳତାର ସହ ଜବତ କରିଛି। ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ପରେ ଆମେରିକାର କଟକଣା ଉଲ୍ଲଂଘନ କରି ଭେନେଜୁଏଲା ଉପକୂଳରୁ ପଳାୟନ କରିଥିବା ବହୁ ଜାହାଜ ମଧ୍ୟରେ ଏହି ଟ୍ୟାଙ୍କର୍ ଥିଲା। ପେଣ୍ଟାଗନ୍ ଅନୁଯାୟୀ, ଧରାପଡ଼ିଥିବା ଜାହାଜର ନାମ ବର୍ଥା। ଏହାକୁ କାରିବିଆନ୍ ସାଗରରୁ ଭାରତ ମହାସାଗର ପର୍ଯ୍ୟନ୍ତ ପ୍ରାୟ ୧୫,୦୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଟ୍ରାକ୍ କରାଯାଇଥିଲା। ଏହି ସାହସିକ ସାମରିକ ଅପରେସନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱ ତୈଳ ଯୋଗାଣ ଶୃଙ୍ଖଳାରେ ଅଶୋଧିତ ତୈଳର ବେଆଇନ ଚୋରା



ଚାଲାଣକୁ ବନ୍ଦ କରିବା ଓ ଅନ୍ତର୍ଜାତୀୟ ବାଣିଜ୍ୟ ନିୟମକୁ କଡ଼ାକଡ଼ି ଭାବରେ ଲାଗୁ କରିବା। ଆମେରିକାର ଦକ୍ଷିଣ କମାଣ୍ଡ ସୋସିଆଲ ମିଡିଆରେ ଘୋଷଣା କରିଛି, ସ୍ୱତନ୍ତ୍ର ବାହିନୀ ରାତିର ଅନ୍ଧାରରେ ବର୍ଥା ନାମକ ଜାହାଜରେ ଚଢ଼ାଉ କରି ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ। କାରିବିଆନ ଅଞ୍ଚଳରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା କଠୋର କଟକଣାକୁ ଅବମାନନା କରି ଜାହାଜଟି ଅନ୍ତର୍ଜାତୀୟ ଜଳସୀମା ଭିତରକୁ ପଳାଇବାକୁ ଚେଷ୍ଟା କରୁଥିଲା। ଜାହାଜ ଗତିବିଧି ଉପରେ ନଜର ରଖୁଥିବା ଏଜେନ୍ସିଗୁଡ଼ିକ ଅନୁସାରେ, ଜାହାଜଟି ରାଡାରରେ ଥିଲା ଏବଂ ଏହାକୁ ଟ୍ରାକ୍ କରିବା ପାଇଁ ହାଇଟେକ୍ ସାଟେଲାଇଟ୍ ଚିତ୍ର ବ୍ୟବହାର କରାଯାଇଥିଲା। ଜବତ ଟ୍ୟାଙ୍କ ?ରେ ପ୍ରାୟ ୧୯ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ରହିଛି। ଏହାକୁ ବେଆଇନ ଭାବରେ ପରିବହନ କରାଯାଉଥିଲା। ଅନ୍ୟ ସମସ୍ତ ଜାହାଜକୁ ପୂର୍ବରୁ ବିଭିନ୍ନ ଆନ୍ତର୍ଜାତୀୟ ସ୍ଥାନରେ ଅଟକାଇ ଦିଆଯାଇଥିଲା। ଆମେରିକୀୟ ସେନା ପିଛା କରୁଥିବା ୧୬ ଟି ଟ୍ୟାଙ୍କର୍ ତାଲିକାରେ ବର୍ଥା ଶେଷ ଜାହାଜ ଥିଲା। ଜାହାଜ ଉପରେ କୁକ୍ ଦ୍ୱୀପପୁଞ୍ଜର ପତାକା ଲଗାଯାଇଥିଲା। ଆମେରିକୀୟ ଟ୍ରେଜେରୀ ବିଭାଗ ଅନୁଯାୟୀ, ଏହାର ଇରାନର ପ୍ରତିବନ୍ଧକ ନେଟୱାର୍କ ସହିତ ସିଧାସଳଖ ସମ୍ପର୍କ ରହିଛି। ଆମେରିକାର ପ୍ରତିରକ୍ଷା ବିଭାଗ ଅନୁଯାୟୀ, ସମ୍ପୂର୍ଣ୍ଣ ଅଭିଯାନ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳିତ ହୋଇଥିଲା ଏବଂ ବୋର୍ଡିଂ ସମୟରେ କୌଣସି ଅପ୍ରୀତିକର ଘଟଣା କିମ୍ବା ହିଂସାତ୍ମକ ସଂଘର୍ଷର ରିପୋର୍ଟ କରାଯାଇ ନାହିଁ।

## ତହଉର ରାଣାଙ୍କ ନାଗରିକତ୍ୱ ରଦ୍ଦ କରିବ କାନାଡା

ଓଟାୱା : ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ମୁଖ୍ୟ ଭୂମିକା ନେଇଥିବା ଅଭିଯୁକ୍ତ ପାକିସ୍ତାନଜନ୍ମିତ ବ୍ୟବସାୟୀ ତହଉର ହୁସେନ୍ ରାଣାଙ୍କ ନାଗରିକତ୍ୱ ରଦ୍ଦ କରିବା ପାଇଁ କାନାଡା ସରକାର ପଦକ୍ଷେପ ଆରମ୍ଭ କରିଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଭାରତ ଗସ୍ତରେ ଆସିବାକୁ ଥିବାରୁ ତାହା ପୂର୍ବରୁ ରାଣାଙ୍କ ସଭ୍ୟପଦ ରଦ୍ଦ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ମୁମ୍ବାଇ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆମେରିକୀୟ ନାଗରିକ ଡାଭିଡ୍ କୋଲେମାନ୍ ହେଡ୍‌ଲି ଓରଫ ଦାଉଦ ଗିଲାନିଙ୍କର ଘନିଷ୍ଠ ସହଯୋଗୀ ଥିଲେ ରାଣା। ତାଙ୍କୁ ୨୦୦୧ରେ କାନାଡା ନାଗରିକତ୍ୱ ମିଳିଥିବାବେଳେ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଆପ୍ରବାସନ ବିଭାଗ ନୋଟିସ୍ ଦେଇଛି।

# ଚାପରେ ଟିମ୍ ଇଣ୍ଡିଆ, ଚର୍ଚ୍ଚାରେ ଜିମ୍ବାୱେ

**ଚେନ୍ନାଇ,୨୫।୨:** ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳ ବିଜେତା ହେବାର ପ୍ରମୁଖ ଦାବିଦାର ଥିଲା। ସୂର୍ଯ୍ୟକୁମାରଙ୍କ ସେନା ଯେତେବେଳେ ଲିଗ୍ ପର୍ଯ୍ୟାୟର ଚାରିଟିରୁ ଚାରିଟି ଯାକ ମ୍ୟାଚ୍ ଜିତିଲା ସେତେବେଳେ ଏହି ଦାବି ଆହୁରି ଦୃଢ଼ ହୋଇଯାଇଥିଲା। ବ୍ୟାଟିଂ ବିହିନୀର ପ୍ରଭାବହୀନ ପ୍ରଦର୍ଶନ ନେଇ ପ୍ରଶଂସକ ସାମାନ୍ୟ ଚିନ୍ତିତ ଥିଲେ। ହେଲେ ସମୟକ୍ରମେ ଘରୋଇ ପରିବେଶରେ ଖେଳୁଥିବା ଭାରତୀୟ ବ୍ୟାଟରଙ୍କ ଆତ୍ମବିଶ୍ୱାସ ବଢ଼ି ଚାଲିବ ଏବଂ ସେମାନେ ଆଧିପତ୍ୟ ବିସ୍ତାର କରିବେ ବୋଲି ସମସ୍ତଙ୍କ ବିଶ୍ୱାସ ଓ ଭରସା ଥିଲା। ଏହି ଭରସା ହଠାତ୍ ତୁଟି ଯାଇଥିଲା।

ପ୍ରଶଂସକଙ୍କ ଚିନ୍ତା ଯେ ଅମୂଳକ ନଥିଲା ତାହା ମଧ୍ୟ ପ୍ରଥମ ସୁପର-୮ ମୁକାବିଲାରେ ସ୍ପଷ୍ଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ଭଳି ବଡ ଦଳ ବିପକ୍ଷରେ ତାରକା ଖଚିତ ଭାରତୀୟ ବ୍ୟାଟିଂ ବାହିନୀ ପୂରା ବିଫଳ ହେଲା। ୭୬ ରନ୍‌ର ବଡ ବ୍ୟବଧାନରେ ମ୍ୟାଚ୍ ହାରିବାର ଲଜ୍ଜା ସହ ଦଳର ନେଟ୍ ରନ୍ ରେଟ୍ ବିଯୁକ୍ତ ୩.୮ରେ ପହଞ୍ଚି ଗଲା। ବିଶ୍ୱକପ୍‌ରେ ଭାରତର ୧୨ ମ୍ୟାଚ୍ ବିଜୟ ଧାରାରେ ବି ବ୍ରେକ୍ ଲାଗି ଯାଇଥିଲା। ଏଣୁ ଟିମ୍ ଇଣ୍ଡିଆର ସେମିଫାଇନାଲ୍ ପ୍ରବେଶ ଏବେ ସନ୍ଦେହ ଓ ସଂଶୟ ଭିତରକୁ ଚାଲି ଯାଇଛି। ବରଂ ଗୁରୁବାରର ଜିମ୍ବାୱେ ମ୍ୟାଚ୍ ସହ ମାର୍ଚ୍ଚ ପହିଲାରେ ଐତିହାସିକ ଇଡେନ୍ ? ଗାର୍ଡେନ୍ସରେ ଖେଳାଯିବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ସୁପର-୮ ମ୍ୟାଚ୍ ଜିତିବା ଭାରତୀୟ ଦଳ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି। ଏହି ଦୁଇ ମ୍ୟାଚ୍ ଜିତିଲେ ମଧ୍ୟ ଅତ୍ୟନ୍ତ ଖରାପ ରନ୍ ରେଟ୍ ପାଇଁ ଭାରତୀୟ ଦଳର ଆଗକୁ ବ ?ିବା ଆଶା ସୁପର-୮-ରୁ ମଉଳି ଯିବାର ବି ଯଥେଷ୍ଟ ଆଶଙ୍କା ରହିଛି। ଏଣୁ ଆଗାମୀ ଦୁଇ ମ୍ୟାଚ୍‌କୁ ଘରୋଇ ଦଳକୁ କେବଳ ଜିତିବାକୁ ପଡିବନି, ବରଂ ବଡ ବ୍ୟବଧାନରେ ବିଜୟ ହାସଲ କରିବାକୁ ହେବ। ଦକ୍ଷିଣ ଆଫ୍ରିକା ତା'ର ତିନିଟି ଯାକ ମ୍ୟାଚ୍ ଜିତିଲେ ଭାରତୀୟ ଦଳ ପାଇଁ ଗୋଟିଏ ବିଜୟରେ ଆଗକୁ ବଢ଼ିବାର ସମ୍ଭାବନା ଥିଲା। କିନ୍ତୁ ବିଯୁକ୍ତ ୩.୮ ରନ୍ ରେଟ୍ ପାଇଁ ଏହି ସମ୍ଭାବନା ମଧ୍ୟ ଭାରତୀୟ କ୍ରିକେଟ୍ ଦଳ ହାତରୁ ଖସି ଯାଇଛି।



ଗୁରୁବାର ଭାରତ ମ୍ୟାଚ୍ ପୂର୍ବରୁ ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ ମୁକାବିଲା ହେବାର ଅଛି। ଜିମ୍ବାୱେ ବିପକ୍ଷରେ ଏହି ମ୍ୟାଚ୍‌ର ଫଳାଫଳ ଅନୁଯାୟୀ ଯୋଜନା କରିବାକୁ ଭାରତୀୟ ଦଳ ପାଖରେ ଅବଶ୍ୟ ସୁଯୋଗ ରହିଛି। ସବୁଠୁ ମଜାଦାର କଥା ହେଲା ଭାରତୀୟ ଦଳର ନେଟ୍ ରନ୍ ରେଟ୍‌ଠାରୁ ଜିମ୍ବାୱେର ରନ୍ ରେଟ୍ (-୫.୩୫୦) ଆହୁରି ଖରାପ ରହିଛି। ତେବେ ଲିଗ୍ ପର୍ଯ୍ୟାୟରେ ଜିମ୍ବାୱେ ଦୁଇ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାକୁ ହରାଇ ଜାଏଣ୍ଟ୍ କିଲର ଭାବେ ଉଭା ହୋଇଥିବାରୁ ଭାରତକୁ ଏହି ଦଳକୁ ହାଲକା ଭାବେ ନେବାର ବିକଳ୍ପ ବି ଖୋଲା ନାହିଁ। ରିଙ୍କୁ ଘରକୁ ଫେରିବା ପରେ ସଞ୍ଜୁଙ୍କ ଉପରେ ନଜର। ପିତାଙ୍କ ଅସୁସ୍ଥତା ପାଇଁ ରିଙ୍କୁ ସିଂହ ଘରକୁ ଫେରିବା ପରେ ପୁଣି ଥରେ ସମସ୍ତଙ୍କ ନଜର ୱିକେଟ୍ ରକ୍ଷକ ସଞ୍ଜୁ ସାମସନଙ୍କ ଉପରେ କେନ୍ଦ୍ରୀଭୂତ ହୋଇଯାଇଛି। ଚେପକ ଷ୍ଟାଡିୟମ୍‌ରେ ଭାରତୀୟ ଦଳର ଅଭ୍ୟାସ ଅଧିବେଶନରୁ ରିଙ୍କୁ ଅନୁପସ୍ଥିତ ରହିବା ମଧ୍ୟ ଭାରତୀୟ ଦଳର ଚୂଡାନ୍ତ ଏକାଦଶରେ ସଞ୍ଜୁ ସାମିଲ ହେବାର ସମ୍ଭାବନାକୁ ଦୃଢ଼ କରିଛି। ସଞ୍ଜୁ ଫେରିଲେ କେଉଁ ସ୍ଥାନରେ ବ୍ୟାଟିଂ କରିବେ, ତାହା ମଧ୍ୟ ବିତର୍କର ବିଷୟ ହୋଇଛି। ଓପନିଂରେ ସେ ଖେଳିବାର ଆଶା ପ୍ରାୟ ନଥିଲା ବେଳେ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିପାରନ୍ତି। ଏହା ହେଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନିଜ ବ୍ୟାଟିଂକ୍ରମରେ ତଳକୁ ଖସିବାକୁ ପଡିବ। ତିଳକ ବର୍ମା କେଉଁଠି ଖେଳିବେ କିମ୍ବା ଦଳରୁ ବାଦ୍ ପଡିବେ, ତାହା ମଧ୍ୟ ଚିନ୍ତାର କାରଣ ହୋଇପାରେ। ସାମସନ ମଧ୍ୟ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ଲମ୍ବା ସମୟ ଅଭ୍ୟାସ କରି ନିଜ ଏକାଗ୍ରତା ବଢ଼ାଇବା ଉପରେ ଜୋର ଦେଇଛନ୍ତି। ଉପଅଧିନାୟକ ଅକ୍ଷର ପଟେଲ ମଧ୍ୟ ଢେର ସମୟ ନେଟ୍‌ସରେ ଉଭୟ ବୋଲିଂ ଓ ବ୍ୟାଟିଂ କରିବାରେ କଟାଇଛନ୍ତି। ଏଣୁ ସେ ମଧ୍ୟ ୱାସିଂଟନ୍ ସୁନ୍ଦରଙ୍କ ସ୍ଥାନରେ ଖେଳିବାର ଆଶା ଉପୁଜିଛି। ଅଧିକ ଚର୍ଚ୍ଚାରେ କିନ୍ତୁ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ରହିଛନ୍ତି। ଚେନ୍ନାଇରେ ଖେଳି ଭାରତୀୟ ଦଳରେ ସ୍ଥାନ ପାଇଥିବା ବରୁଣ ପୁଣି ଥରେ ନିଜ ଘରୋଇ ପଡିଆରେ ଭାରତକୁ ବହୁ ଗୁରୁତ୍ୱପୂର୍ଣ୍ଣ ବିଜୟ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେପଟେ ଭାରତୀୟ ବ୍ୟାଟରଙ୍କୁ ଆରମ୍ଭରୁ ଅଡୁଆରେ ପକାଇବା ଲାଗି ଜିମ୍ବାୱେ ପାଖରେ ବ୍ଲେସିଂ ?ସ ବୁଜରବନୀ ଓ ରିଚାର୍ଡ ଏନ୍‌ଗାରାଙ୍କ ଭଳି ଦ୍ରୁତ ବୋଲର୍ ମଧ୍ୟ ଅଛନ୍ତି। ଗ୍ରେମ୍ କ୍ରେମର, ସିକନ୍ଦର ରାଜା ଓ ରିୟାନ ବର୍ଲଙ୍କ ଭଳି ସ୍ପିନ୍ ଅସ୍ତ୍ର ମଧ୍ୟ ଜିମ୍ବାୱେର ବୋଲିଂ ତୁଣିରେ ରହିଛନ୍ତି। ସମସ୍ତଙ୍କ ଛଡା ଭାରତୀୟ ଓପନର୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିଶ୍ୱକପ୍‌ର ପ୍ରଥମ ରନ୍ କରିବା ପରେ ଏମାନଙ୍କୁ କିଭଳି ଖେଳୁଛନ୍ତି, ସେନେଇ ଉଭୟ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ନୂଆ ପିଚ୍‌ରେ ମ୍ୟାଚ୍ ଖେଳ ହେବା ଏବଂ ଚେନ୍ନାଇର ପାଗ ଓ ପରିବେଶ ଜିମ୍ବାୱେ ଖେଳାଳିଙ୍କ ପାଇଁ ସେତେଟା ଉପଯୋଗୀ ନହେବା ଅବଶ୍ୟ ଭାତୀୟ ଦଳ ସପକ୍ଷରେ ଯାଇପାରେ।

# ଅଷ୍ଟ୍ରେଲିଆକୁ ହରାଇ ହୋବର୍ଟ ପର୍ଯ୍ୟାୟ ଶେଷ କଲା ଭାରତ ହକି ଦଳ

**ହୋବର୍ଟ,୨୫।୨:** ଏଫ୍‌ଆଇଏଚ୍ ପ୍ରୋ ଲିଗ ପୁରୁଷ ହକି ପ୍ରତିଯୋଗିତାରେ ଭାରତୀୟ ଦଳର ପରାଜୟ ଧାରାରେ ବ୍ରେକ୍ ଲାଗିଛି। ରାଉରକେଲା ପର୍ଯ୍ୟାୟରେ ଲଗାତାର ଚାରିଟି ମ୍ୟାଚ୍ ହାରିବା ପରେ ଅଷ୍ଟ୍ରେଲିଆର ହୋବର୍ଟ ପର୍ଯ୍ୟାୟରେ ଲଜ୍ଜାଜନକ ପ୍ରଦର୍ଶନ କରି ଆସୁଥିବା ଭାରତୀୟ ହକି ଦଳ ଶେଷରେ ବିଜୟର ପ୍ରତୀକ୍ଷିତ ସ୍ୱାଦ ଚାଖିଛି। ବୁଧବାର ଘରୋଇ ଅଷ୍ଟ୍ରେଲିଆକୁ ସୁଟ୍‌ଆଉଟ୍‌ରେ ୩-୧ (୧-୧) ଗୋଲ୍‌ରେ ପରାସ୍ତ କରି ବୋନସ୍ ପଏଣ୍ଟ ସହ ଗସ୍ତ ଶେଷ କରିଛି।



ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ହେଲେ ସୁଟ୍‌ଆଉଟ୍‌ରେ ଭାରତ ବାଜି ମାରି ନେଇଥିଲା। ଯୁବ ଗୋଲ୍ ରକ୍ଷକ ମୋହିତ ଶଶିକୁମାର ଭାରତର ଏହି ସ୍ମରଣୀୟ ବିଜୟରେ ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ଓଡିଆ ତାରକା ଶିଳାନନ୍ଦ ଲାକ୍ରା ନିର୍ଦ୍ଧାରିତ ସମୟରେ ବହୁମୂଲ୍ୟ ଗୋଲ୍ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିବା ପରେ ସୁଟ୍‌ଆଉଟ୍‌ରେ ଗୋଲ୍ କରି ଭାରତୀୟ ବିଜୟର ଅନ୍ୟତମ ନାୟକ ସାଜିଥିଲେ। ଏହି ରୋମାଞ୍ଚକ ବିଜୟ ପରେ ଯୁବ ଖେଳାଳି ସମୃଦ୍ଧ ଭାରତୀୟ ହକି ଦଳ ମଧ୍ୟ ତା'ର ଆତ୍ମବିଶ୍ୱାସ କିଛିଟା ଫେରି ପାଇଛି। ଭାରତୀୟ ହକି ଦଳ ଏବେ ଏହି ୯ଦଳୀୟ ପ୍ରତିଯୋଗିତାରେ ୮ ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରୋଟରଡାମ୍‌ଠାରେ ନେଦରଲାଣ୍ଡସ ଓ ଜର୍ମାନୀକୁ ଭେଟିବ। ଏହି ପର୍ଯ୍ୟାୟ ଜୁନ୍ ୨୧ରୁ ଆରମ୍ଭ ହେବ।

ଆଜି ମ୍ୟାଚ୍‌ର ପ୍ରଥମ ତିନି କ୍ୱାର୍ଟରରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ପାରି ନଥିଲେ। ଚତୁର୍ଥ କ୍ୱାର୍ଟରର ଚତୁର୍ଥ ମିନିଟ୍‌ରେ ଜେରେମି ହେଓ୍ୱାର୍ଡ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତର କରି କଙ୍ଗାରୁ ଦଳକୁ ଆଗୁଆ କରିଥିଲେ। ଶିଳାନନ୍ଦ ୫୧ ମିନିଟ୍‌ରେ ଏକ ଚମତ୍କାର ଗୋଲ୍ ଦେଇ ସ୍ଥିତି ୧-୧ କରି ନେଇଥିଲେ। ଶେଷ ପର୍ଯ୍ୟନ୍ତ ଏହି ସ୍କୋର୍ ଲାଇନ୍ ଅପରିବର୍ତ୍ତିତ ରହିଥିଲା। ଫଳରେ ସୁଟ୍‌ଆଉଟ୍‌ର ଦରକାର ପଡିଥିଲା।

# ଭାରତୀୟ ଦଳକୁ ପଣ୍ଟିଂଙ୍କ ପରାମର୍ଶ

**ନୂଆଦିଲ୍ଲୀ,୨୫।୨:** ସୁପର-୮ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ହାରିବା ପରେ ଭାରତୀୟ ଦଳ ପାଇଁ ଆଗକୁ ସେମିଫାଇନାଲ୍ ରାସ୍ତା ବେଶ କଷ୍ଟକର ହୋଇପଡ଼ିଛି। ଆଗକୁ ଭାରତ ପାଇଁ 'କର ବା ମର'ସ୍ଥିତି ଥିବାବେଳେ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗ୍ କେତେକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ବିପକ୍ଷ ଦଳର ଖେଳାଳିଙ୍କୁ ଦେଖି ନିଜର ଦଳର ଖେଳାଳିଙ୍କୁ ଚୟନ କରିବା ଅପେକ୍ଷା ସର୍ବଶ୍ରେଷ୍ଠ ଏକାଦଶ ଚୟନ କରିବା ଉଚିତ୍।



ସେ କହିଛନ୍ତି, ଦକ୍ଷିଣ ଆଫ୍ରିକା ଦଳରେ ବାମହାତୀ ବ୍ୟାଟର୍ ଥିବାରୁ ଅକ୍ଷର ପଟେଲଙ୍କୁ ଖେଳାଯାଇନଥିବା ଯୁକ୍ତି କରାଯାଇଥିଲା। କିନ୍ତୁ ସେହି ଦଳରେ ବି ଡାହାଣହାତୀ ବ୍ୟାଟର ଥିଲେ। କେବଳ ତାଙ୍କୁ ଠିକ୍ ସମୟରେ ବୋଲିଂ କରାଇବାର ଥିଲା। ଚେନ୍ନାଇ ପିଚ୍‌କୁ ଦେଖି ଭାରତ ସର୍ବଶ୍ରେଷ୍ଠ ଏକାଦଶ ଚୟନ କରିବା ଉଚିତ୍। ଯଦି ଅକ୍ଷର ପଟେଲ ଆସୁଛନ୍ତି, ଭଲ କଥା। କୁଲଦୀପଙ୍କୁ ବି ସାମିଲ କରାଯିବା ଉଚିତ୍। କାରଣ ସେମାନେ ଉଭୟ ବାମହାତୀ ଓ ଡାହାଣହାତୀ ବ୍ୟାଟରଙ୍କୁ ଭଲ ବଲ୍ ପକାଇପାରିବେ। ଅନ୍ୟପକ୍ଷରେ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀ ମଧ୍ୟ ଅକ୍ଷରଙ୍କୁ ଖେଳାଯିବା ସପକ୍ଷରେ ମତ ଦେଇଛନ୍ତି। ସେ କହିଛନ୍ତି ଯେ ଦଳରେ ଉଭୟ ଅକ୍ଷର ଓ ୱାସିଂଟନଙ୍କୁ ସାମିଲ କରାଗଲେ ଭାରତ ପାଖରେ ଅତିରିକ୍ତ ବୋଲିଂ ବିକଳ୍ପ ରହିବ। ଏହା ସହିତ ବ୍ୟାଟିଂରେ ବି ଅକ୍ଷର ଭଲ ଯୋଗଦାନ ଦେଇପାରିବେ।

## ମହିଳା ଟି-୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ

# ଜୁନ ୧୪ରେ ଭାରତ-ପାକିସ୍ତାନ ମ୍ୟାଚ

**ନୂଆଦିଲ୍ଲୀ,୨୫।୨:** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମଙ୍ଗଳବାର ଆଗାମୀ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଲାଗି ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଛି। ଜୁନ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡରେ ହେବାକୁ ଥିବା ଏହି ସଂସ୍କରଣରେ ୧୨ଟି ଦଳ ଭାଗ ନେବେ। ଆୟୋଜକ ଇଂଲଣ୍ଡ ଉଦଘାଟନୀ ମ୍ୟାଚରେ ଶ୍ରୀଲଙ୍କାକୁ ଭେଟିବାକୁ ଥିବା ବେଳେ ଫାଇନାଲ ମ୍ୟାଚ ଜୁଲାଇ ୫ ତାରିଖରେ ଆଇକନିକ ଲଡରସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଭାରତୀୟ ଦଳ ଜୁନ ୧୪ ତାରିଖରେ ତା'ର ପ୍ରଥମ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଟୁର୍ଣ୍ଣାମେଣ୍ଟ ଲାଗି ନେପାଳରେ ଖେଳାଯାଇଥିବା କ୍ୱାଲିଫାଇଙ୍ଗ ଟୁର୍ଣ୍ଣାମେଣ୍ଟ ଜରିଆରେ ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ନେଦରଲାଣ୍ଡସ୍ ଯୋଗ୍ୟତା ହାସଲ କରିଛନ୍ତି।



ଡିଫେଣ୍ଡିଂ ଚାମ୍ପିୟନ ନ୍ୟୁଜିଲାଣ୍ଡ, ୬ ଥରର ବିଜେତା ଅଷ୍ଟ୍ରେଲିଆ, ୨୦୧୬ ସଂସ୍କରଣର ଚାମ୍ପିୟନ ୱେଷ୍ଟଇଣ୍ଡିଜ, ଆୟୋଜକ ଇଂଲଣ୍ଡ, ଦିନିକିଆ ବିଶ୍ୱ ଚାମ୍ପିୟନ ଭାରତ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ।

# ଇଟାଲି ମହିଳା କ୍ରିକେଟ୍ ଦଳରେ ଯୌନ ନିର୍ଯାତନା ଅଭିଯୋଗ

**ନୂଆଦିଲ୍ଲୀ,୨୫।୨:** ପ୍ରଥମ ଥର ପାଇଁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଇଟାଲି କ୍ରିକେଟ ଏବେ ଆଉ ଏକ କାରଣ ପାଇଁ ଚର୍ଚ୍ଚାରେ ରହିଛି। ଇଟାଲି କ୍ରିକେଟରେ ଏକ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ଇଟାଲି କ୍ରିକେଟ୍ ବୋର୍ଡ (ଫେଡେରାଜିଓନ୍ କ୍ରିକେଟ ଇଟାଲିଆ ବା ଏଫସିଆଇଆଇ) ତାହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁସାରେ ଇଟାଲି ମହିଳା ଦଳର ସଂଯୋଜକ ତଥା ଶ୍ରୀଲଙ୍କା ବଂଶୋଦ୍ଭବ ପ୍ରଭାତ ଏନକାଲିଗୋଡାଙ୍କ ବିରୋଧରେ ଏହି ଅଭିଯୋଗ ଆସିଛି। ଗତ ବର୍ଷ ମାର୍ଚ୍ଚ ମାସରେ ସେ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ଥିବା ବେଳେ ଜଣେ ମହିଳା କ୍ରିକେଟରଙ୍କୁ ଆପତ୍ତିଜନକଭାବେ ସ୍ପର୍ଶ କରିଥିବା ଅଭିଯୋଗ ଆସିବା ପରେ ତାଙ୍କୁ ନିଲମ୍ବିତ କରିଦିଆଯାଇଛି। ମହିଳା ଖେଳାଳିଙ୍କ ଆଣ୍ଠୁରେ ଥିବା ଆଘାତର ଯାଞ୍ଚ ବାହାନାରେ ଏନକାଲିଗୋଡା ଅସଦାଚରଣ କରିଥିବା ରୋମ୍ ପୁଲିସରେ ଅଭିଯୋଗ ହୋଇଥିଲା। ଏହା ପରେ ପୁଲିସ ତାଙ୍କୁ ଜେରା କରିଥିଲା। ତେବେ ଏହି ଅଭିଯୋଗକୁ ତାଙ୍କ ଓକିଲ ଖାରଜ କରିଦେଇଛନ୍ତି ଓ କହିଛନ୍ତି ଯେ ତାଙ୍କୁ ଫସାଇବାକୁ ଏପରି ଅଭିଯୋଗ ଅଣାଯାଇଛି। ସେପଟେ ଏଫସିଆଇଆଇ ପକ୍ଷରୁ କୁହାଯାଇଛି ଯେ ପୁଲିସର ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ପୁରୁଷ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସମୟରେ ବି ସେ ଇଟାଲି ଦଳ ସହିତ ଭାରତ ଆସିଥିଲେ, କିନ୍ତୁ ତାଙ୍କୁ କୌଣସି ଔପଚାରିକ ଦାୟିତ୍ୱ ଦିଆଯାଇନଥିଲା।



# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ନୈତିକତା ସପ୍ତାହ

**ବୁର୍ଲା,୨୫।୨:** ନୈତିକ ମୂଲ୍ୟବୋଧକୁ ସର୍ବାଧିକାର ଦେଇ ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ଆଜି ଏହାର ବୁର୍ଲା ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟଠାରେ ନୈତିକତା ସପ୍ତାହ ପାଳନର ଶୁଭାରମ୍ଭ କରାଯାଇଅଛି। ଟାଟା ଗ୍ରୁପର ପ୍ରତିଷ୍ଠାତା ସ୍ୱର୍ଗତଃ ଜାମସେଦଜୀ ନୁଶେରୱାନଜୀ ଟାଟାଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଟାଟା ଗ୍ରୁପ୍ ଅଧିନସ୍ଥ ସମସ୍ତ ସଂସ୍ଥା ଦ୍ୱାରା ପ୍ରତିବର୍ଷ ଏହି ନୈତିକ ସପ୍ତାହ ପାଳନ କରାଯାଇଥାଏ । ଶ୍ରୀ ଜାମସେଦଜୀ ନୁଶେରୱାନଜୀ ଟାଟା ୩ ମାର୍ଚ୍ଚ ୧୮୩୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ତେଣୁ ପ୍ରତିବର୍ଷ ମାର୍ଚ୍ଚ ୩ ତାରିଖର ପୂର୍ବ ସପ୍ତାହକୁ "ନୈତିକତା ସପ୍ତାହ" ଭାବରେ ଟାଟା ଗ୍ରୁପ ପକ୍ଷରୁ ପାଳନ କରାଯାଉଅଛି। ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ ନୈତିକ ପରାମର୍ଶଦାତା ପି.ପି. ତେନ୍ଦୁଲକର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀ କସମସ୍ ଲାକ୍ରା, ଅପରେସନ୍ ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ସିଂହ, ଡିଷ୍ଟ୍ରିବ୍ୟୁସନ୍ ସପୋର୍ଟ ସର୍ଭିସ୍ ବିଭାଗ ମୁଖ୍ୟ ଭି.ଟି. ନାରାୟଣ, ଆଇନ ବିଭାଗ ମୁଖ୍ୟ ସୁବୋଧ କୁମାର ମହାଳିକ ତଥା ଅନ୍ୟାନ୍ୟ ବିଭାଗର ମୁଖ୍ୟ ଅଧିକାରୀମାନେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିବା ସହିତ ଟାଟା ଗ୍ରୁପର ନିର୍ମାତାମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ ନୈତିକ ପରାମର୍ଶଦାତା ପି.ପି. ତେନ୍ଦୁଲକର ଟାଟା ଆଚରଣ ସଂହିତାକୁ କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ଅନୁକରଣ କରିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ସଲମାନ ଆଗାଙ୍କ ପତ୍ନୀ ଓ ପୁତ୍ରକୁ ଧମକ



**ଲାହୋର,୨୫।୨:** ବିଶ୍ୱକପ୍ ଓ ଅନ୍ୟ ବଡ଼ ପ୍ରତିଯୋଗିତାରେ ପରାଜୟ ପରେ ପାକିସ୍ତାନୀ ଖେଳାଳି ଓ ତାଙ୍କ ପରିବାରବର୍ଗଙ୍କୁ ଧମକ ଓ ଆକ୍ରମଣ କରାଯିବା ଘଟଣା ନୂଆ ନୁହେଁ। ବିଶେଷକରି ଭାରତଠାରୁ ହାରିଲେ ପାକିସ୍ତାନୀ ପ୍ରଶଂସକମାନେ ଅଧିକ ଖପ୍ପା ହୁଅନ୍ତି। କିନ୍ତୁ ଏଥର ଇଂଲଣ୍ଡଠାରୁ ହାରିବା ପରେ ପାକିସ୍ତାନୀ ପ୍ରଶଂସକମାନେ ଖପ୍ପା ହୋଇ ଅଧିନାୟକ ସଲମାନ ଆଗାଙ୍କ ପତ୍ନୀ ଓ ଶିଶୁପୁତ୍ରକୁ ଧମକ ଓ ଦୁର୍ବ୍ୟବହାର କରିବା ଆରମ୍ଭ କରିଛନ୍ତି।

ଏ ନେଇ ସଲମାନଙ୍କ ପତ୍ନୀ ସବା ମଂଜର୍ ଅଭିଯୋଗ କରିଛନ୍ତି ଯେ ମଙ୍ଗଳବାର ଇଂଲଣ୍ଡଠାରୁ ହାରିବା ପରେ ତାଙ୍କ ନିକଟକୁ ବିଭିନ୍ନ ଧମକପୂର୍ଣ୍ଣ ଓ ଆପତ୍ତିଜନକ ବାର୍ତ୍ତା ଆସୁଛି। ଏ ନେଇ ସେ ସୋସିଆଲ ମିଡିଆରେ ଜବାବ ରଖିଛନ୍ତି। ଇନଷ୍ଟାଗ୍ରାମ୍‌ରେ ସେ ଲେଖିଛନ୍ତି ଯେ ତାଙ୍କୁ ଓ ତାଙ୍କ ନିରୀହ ପୁତ୍ରକୁ ଦୁର୍ବ୍ୟବହାର କଲେ ପାକିସ୍ତାନ ବିଶ୍ୱକପ୍ ଜିତିଯିବ ନାହିଁ। ମଙ୍ଗଳବାରର ସୁପର-୮ ମ୍ୟାଚରେ ହ୍ୟାରି ବ୍ରୁକଙ୍କ ଶତକୀୟ ଇନିଂସ ବଳରେ ଇଂଲଣ୍ଡ ପାକିସ୍ତାନକୁ ୨ ୱିକେଟରେ ପରାସ୍ତ କରିଥିଲା। ଏହା ପରେ ପାକିସ୍ତାନର ସେମିଫାଇନାଲ ରାସ୍ତା କଷ୍ଟକର ହୋଇପଡ଼ିଛି। ଏହି ପରାଜୟ ପାଇଁ ପାକିସ୍ତାନର ପୂର୍ବତନ ଖେଳାଳିମାନେ ସଲମାନଙ୍କ ଦୁର୍ବଳ ନେତୃତ୍ୱକୁ ଦାୟୀ କରିଛନ୍ତି।

## ଯାତ୍ରା ସମୟରେ ପାଟିର ସ୍ୱଚ୍ଛତା

**ମୁମ୍ବାଇ,୨୫।୨:** ଗବେଷଣାରୁ ଜଣାପଡିଛି ଯେ ୪୦% ରୁ ଅଧିକ ପର୍ଯ୍ୟଟକ ଯାତ୍ରା ସମୟରେ ଦିନକୁ ଅତି କମରେ ଥରେ ବ୍ରଶ୍ କରିବାକୁ ଭୁଲିଯାଆନ୍ତି। ବିମାନ ଯାତ୍ରା ସମୟରେ ଶରୀରରେ ଜଳୀୟ ଅଂଶ କମିଯିବା ଫଳରେ ମାତ୍ର କିଛି ଘଣ୍ଟା ମଧ୍ୟରେ ଲାଳ ତିଆରି ପ୍ରକ୍ରିୟା ଯଥେଷ୍ଟ ହ୍ରାସ ପାଇଥାଏ। ଏହି ଛୋଟ ଛୋଟ ବ୍ୟତିକ୍ରମଗୁଡିକ ପାଟିର ସ୍ୱାସ୍ଥ୍ୟକୁ ଅପେକ୍ଷାକୃତ ଶୀଘ୍ର ବିଗାଡି ଦେବା ପାଇଁ ଯଥେଷ୍ଟ। ଯାତ୍ରା କରିବା ଆନନ୍ଦଦାୟକ ହୋଇଥିଲେ ମଧ୍ୟ ଏହା ଆପଣଙ୍କ ଦୈନନ୍ଦିନ ଅଭ୍ୟାସକୁ ବ୍ୟାହତ କରିଥାଏ। ଲମ୍ବା ବିମାନ ଯାତ୍ରା, ସମୟର ପରିବର୍ତ୍ତନ, ବିମାନବନ୍ଦରର ଜଳଖିଆ ଏବଂ ପାଣି ପାଟିର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ସର୍ବପ୍ରଥମେ ଶରୀରରେ ଜଳୀୟ ଅଂଶ କମିବା ଏବଂ ଅନିୟମିତ ଖାଦ୍ୟପେୟର ପ୍ରଭାବ ପଡ଼ିଥାଏ।

# ସେମିଫାଇନାଲ ସ୍ଥାନ ବଦଳିଲେ ଟିକେଟ ଅର୍ଥ ଫେରସ୍ତ ଦେବ ଆଇସିସି

**ମୁମ୍ବାଇ,୨୫।୨:** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟ ଚାଲିଥିବାବେଳେ ଇଂଲଣ୍ଡ ପ୍ରଥମ ଦଳଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଆଗାମୀ କିଛିଦିନ ମଧ୍ୟରେ ସେମିଫାଇନାଲ୍ ଖେଳିବାକୁ ଥିବା ଅନ୍ୟ ତିନୋଟି ଦଳ ସଂପର୍କରେ ସ୍ଥିତି ସ୍ପଷ୍ଟ ହୋଇଯିବ। କିନ୍ତୁ ସେମିଫାଇନାଲ୍ କେଉଁ ସ୍ଥାନରେ ଖେଳ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। କାରଣ ତାହା ପାକିସ୍ତାନ ଓ ଶ୍ରୀଲଙ୍କା ଦଳ ସେମିଫାଇନାଲ ଯିବା ଉପରେ ନିର୍ଭର କରିବ। ଏହି ଅନିଶ୍ଚିତତା ମଧ୍ୟରେ ମଙ୍ଗଳବାର ସଂଧ୍ୟାରୁ ସେମିଫାଇନାଲ୍ ଓ ଫାଇନାଲ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ବିଶ୍ୱକପ୍‌ର ମୂଳ ଖେଳସୂଚୀ ଅନୁସାରେ ଆସନ୍ତା ମାର୍ଚ୍ଚ ୪ରେ ପ୍ରଥମ ସେମିଫାଇନାଲ୍ କୋଲକାତାର ଇଡେନ ଗାର୍ଡେନ୍ସଠାରେ ଅନୁଷ୍ଠିତ ହେବ। କିନ୍ତୁ ଯଦି ପାକିସ୍ତାନ ସେମିଫାଇନାଲକୁ ଯାଏ ତେବେ ଏହି ମ୍ୟାଚଟି କଲମ୍ବୋର ଆର.ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ହେବ। ପୁଣି ଯଦି ପାକିସ୍ତାନ ଫାଇନାଲକୁ ଯାଏ ତେବେ ତାହା ଅହମଦାବାଦରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ନ ହୋଇ କଲମ୍ବୋରେ ହେବ। ସେହିପରି ଶ୍ରୀଲଙ୍କା ଯଦି ସେମିଫାଇନାଲ୍ ?କୁ ଯାଏ ଓ ଭାରତ ବ୍ୟତୀତ ଅନ୍ୟ କୌଣସି ଦଳ ସହ ସମ୍ମୁଖୀନ ହୁଏ ତେବେ ବି ପ୍ରଥମ ସେମିଫାଇନାଲ କଲମ୍ବୋରେ ଖେଳାଯିବ।




କୋଲକାତା ଓ ମୁମ୍ବାଇ ସେମିଫାଇନାଲ ମ୍ୟାଚ ଓ ଅହମଦାବାଦ ଫାଇନାଲ ପାଇଁ ଟିକେଟ୍ ବିକ୍ରି ମଙ୍ଗଳବାର ସଂଧ୍ୟାରୁ ଆରମ୍ଭ ହୋଇଛି। ଯଦି ସେମିଫାଇନାଲ୍ କିମ୍ବା ଫାଇନାଲ୍ କଲମ୍ବୋରେ ହେଲା ତେବେ କୋଲକାତା ଓ ଅହମଦାବାଦ ପାଇଁ ଟିକେଟ୍ କିଣିଥିବା ଦର୍ଶକମାନଙ୍କୁ ଅର୍ଥ ଫେରସ୍ତ ଦିଆଯିବ। ଏହାର ବିପରୀତ ଯଦି କଲମ୍ବୋରେ ଏହି ଦୁଇଟି ମ୍ୟାଚ୍ ନ ହୁଏ, ସେ କ୍ଷେତ୍ରରେ ବି ସେଠାରେ ଟିକେଟ କିଣିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ମିଳିବ ବୋଲି ଆଇସିସି ସ୍ପଷ୍ଟ କରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**